

# ଭୁବନେଶ୍ୱର ସିଟି

# କୋରିଆନ୍ ଫୁଡ୍‌ରେ ମହକୁଛି ରାଜଧାନୀ

## ଯୁବପିଢି ଖୋଜୁଛନ୍ତି କ୍ୟାଟ୍ ପୁଡ଼ିଙ୍ଗ ଓ କ୍ୟାପେବାର

ଭୁବନେଶ୍ୱର, ୬।୩(ସମିସ): ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କୁ କୋରିଆର କେ ପପ୍ ଓ କେ ଡ୍ରାମା ବେଶ ପସନ୍ଦ ଆସୁଥିବା ବେଳେ ସେଠାକାର ଖାଦ୍ୟ ମଧ୍ୟ ବେଶ ଲୋକପ୍ରିୟ ଅଟେ। ଯାହା ଏବେ ଭୁବନେଶ୍ୱରରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଯେଉଁଥିରେ କ୍ୟାଟ ପୁଡିଙ୍ଗ୍ ଏବଂ କ୍ୟାପେବାରର ବେଶ୍ ଚାହିଦା ରହିଛି।

ବର୍ତ୍ତମାନ ସମୟରେ ଲୋକ କେବଳ ଇଣ୍ଡିଆନ ଫୁଡ୍‌ର ଭେରାଇଟି ନୁହଁ ବରଂ ବାହାର ଦେଶର ପରିଚିତ ଓ ଲୋକପ୍ରିୟ ଖାଦ୍ୟକୁ ଭୁବନେଶ୍ୱରରେ ରହି ମଜା ଉଠାଇ ପାରୁଛନ୍ତି। ସେଥିମଧ୍ୟରୁ ଅନ୍ୟତମ ହେଉଛି କୋରିଆର ବିଭିନ୍ନ ଲୋକପ୍ରିୟ ଖାଦ୍ୟ। ଯାହା କେବଳ ନୂଆ ଅନୁଭୂତି ଦେଉନି ବରଂ ଯୁବପିଢି ଏହାକୁ ବେଶ ପସନ୍ଦ କରୁଛନ୍ତି। ସମୟ ସହ ତାର ଅଧିକ ଭେରାଇଟି ବଜାରରେ ପରିଲକ୍ଷିତ ହେଉଛି। ଗତ ତିନିରୁ ୪ ବର୍ଷ ମଧ୍ୟରେ କୋରିଆନ ଡ୍ରାମା, ସଙ୍ଗ, ଆସବାପତ୍ର, ପୋଷାକଠୁ ଆରମ୍ଭକରି ପ୍ରସାଧନ ସାମଗ୍ରୀ ପର୍ଯ୍ୟନ୍ତ ବହୁଳ ଭାବରେ ଯୁବପିଢ଼ିଙ୍କୁ ଆକୃଷ୍ଟ କରିଆସୁଛି। ତେଣୁ ବିଭିନ୍ନ ଅନଲାଇନ ପ୍ଲାଟଫର୍ମ ମାଧ୍ୟମରେ ଅର୍ଡର ମଧ୍ୟ କରୁଥିଲେ। ହେଲେ ସମୟସହ ସେ ସମସ୍ତ ଜିନିଷ ରାଜଧାନୀରେ ମିଳିଲାଣି। ସେହିଭଳି ଏବେ କୋରିଆର ଲୋକପ୍ରିୟ ଖାଦ୍ୟ ଖାଇବାକୁ ଆଉ କୋରିଆ ଯିବାକୁ ପଡ଼ିବନି। କାରଣ ସେଠାକାର ପରିଚିତ ଖାଦ୍ୟ ସବୁ ଭୁବନେଶ୍ୱରର ବିଭିନ୍ନ ଫୁଡକୋର୍ଟରେ ଦେଖିବାକୁ ମିଳୁଛି। ଯାହା ଜେନ୍-ଜି ଶ୍ରେଣୀର ପିଲାଙ୍କୁ ବେଶ ପସନ୍ଦ ହେଉଛି ବୋଲି କହିଲେ ଭୁଲ ହେବନି। ସେହି ଖାଦ୍ୟ ମଧ୍ୟରେ ସୁବୁଠାରୁ ଅଧିକ କ୍ୟାଟ ପୁଡିଙ୍ଗ୍ ଏବଂ କ୍ୟାପେବାରର ଚାହିଦା ଅଧିକ ରହିଛି। କ୍ୟାଟ ପୁଡିଙ୍ଗ୍ ହେଉଛି ଏକ ପ୍ରକାରର ଜେଲି ମିଠା, ଯାହା ସାଧାରଣତଃ ବିଲେଇ ଆକୃତିର ହୋଇଥିବାବେଳେ ଏହା ଭ୍ୟାନିଲା, ଚକୋଲେଟ୍ ଏବଂ କୋକୋନଟ୍ ଫ୍ଲେବରର ମିଳୁଛି। ସେହିପରି ତାର ମୂଲ୍ୟ ମଧ୍ୟ ୧୨୦ ଟଙ୍କାରୁ ୧୪୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି। ଅନ୍ୟ କୋରିଆନ୍ ଫୁଡ ମଧ୍ୟରେ କୋରିଆନ୍ କ୍ୟାନ କେକ, କ୍ଲାସିକ କର୍ଣ୍ଣ ଡଗ୍, ର୍ୟାମେନ୍, ସୁସି, କୋରିଆନ ଫ୍ରାଏଡ ଚିକେନ, କିମ୍‌ଚି ଇତ୍ୟାଦି ବିକ୍ରି ହେଉଛି।





ଏନେଇ ଜାଗମରା ଫୁଡ୍ କୋର୍ଟର ଦି କୋରିଆନ ହେଭେନ୍ ଷ୍ଟଲର ଜଣେ ମହିଳା କର୍ମଚାରୀ କୁହନ୍ତି, ଆଜିକାଲି ଯୁବ ପିଢିଙ୍କୁ କୋରିଆନ ଖାଦ୍ୟ ବେଶ ପସନ୍ଦ ହେବାର ଲାଗୁଛି। ତେଣୁ ଗୁଗୁଲ ହେଉ କିମ୍ବା ରିଲସ ମାଧ୍ୟମରେ ଖୋଜି ଖୋଜି କଲେଜ ଛାତ୍ରଛାତ୍ରୀ ଏଠାକୁ ଅଧିକ ଆସୁଛନ୍ତି। ସେଠାକୁ ନ ଯାଇ ମଧ୍ୟ କୋରିଆର ଲୋକପ୍ରିୟ ଖାଦ୍ୟ ଭୁବନେଶ୍ୱରରେ ମିଳିଯାଉଥିବାରୁ ସେମାନଙ୍କ ମଧ୍ୟରେ ଏହାର ବେସ ଚାହିଦା ରହୁଛି। କେବଳ ଜାଗମରା ନୁହଁ ବରଂ ପଟିଆ, ଘାଟିକିଆ ଆଦି ସ୍ଥାନରେ ମଧ୍ୟ ଏହି କୋରିଆନ ଫୁଡର ଷ୍ଟଲ ଏବେ ଦେଖିବାକୁ ମିଳିଲାଣି।

## ପୁରୁଣା ଫଟୋ: ପୁରୁଣା ସ୍ମୃତି




ଭୁବନେଶ୍ୱର, ୬।୩(ସମିସ): ବର୍ତ୍ତମାନ ସମୟରେ ଘରେ ଏଲ୍‌ଇଡି ଟିଭିଠାରୁ ଆରମ୍ଭ କରି ମୋବାଇଲ। ଯେଉଁଥିରେ ଦେଶ ବିଦେଶର ଖବରଠାରୁ ଆଞ୍ଚଳିକ ଖବର ସବୁକିଛି ହାତ ପାହାନ୍ତାରେ ଉପଲବ୍ଧ ହେଉଛି। ସେହିଭଳି କେଉଁ ସିନେମା ଏବଂ ସଙ୍ଗୀତ କେବେ ମୁକ୍ତିଲାଭ କରିବ କିମ୍ବା ମୁଖ୍ୟ ଅଭିନୟ, ନିର୍ଦ୍ଦେଶନା ଆଦି ବିଷୟରେ ସେହି ଫୋନ ଏବଂ ରାସ୍ତା କଡରେ ଲାଗିଥିବା ବଡ ବଡ ବିଜ୍ଞାପନରୁ ହିଁ ଜାଣିହେଉଛି। ପୂର୍ବରୁ କିନ୍ତୁ କେଉଁଠି ଏକ ପୋଷ୍ଟର ଛାପିଲେ ତାକୁହିଁ ଦେଖିବାକୁ ଅପେକ୍ଷା ରହିଥାଏ। ଆଜିର ବ୍ୟସ୍ତ ବହୁଳ ଜୀବନ ଭିତରେ ଲୋକେ ସେ ସମୟର ଛାପୁଥିବା କଥାଚିତ୍ର ବିଷୟରେ କ୍ୱଚିତ୍ ଜାଣିଥିବେ। ହେଲେ ଯେଉଁମାନେ ଦେଖିଛନ୍ତି ସେମାନଙ୍କ ପାଇଁ ଏହା ମନରେ ଛପିଯାଇଥିବା ଅଭୁଲା ସ୍ମୃତି ସଦୃଶ।

ସେହି ପୁରୁଣା ଦିନକୁ ଆଉଥରେ ମନେ ପକେଇବାକୁ ହିଁ ଆମର ଆଜିର ଏହି ଉପସ୍ଥାପନା। ସାମାଜିକ ଗଣମାଧ୍ୟମରେ ପୁରୁଣା ଦିନର ଏକ ଫଟୋଚିତ୍ର ଅନେକଙ୍କ ସ୍ମୃତିକୁ ତାଜା କରିବ ନିଶ୍ଚିତ। ଯେଉଁଥିରେ ୧୯୫୯ ମସିହାର ଓଡ଼ିଆ କଥାଚିତ୍ରର ଏକ ଝଲକ ଦେଖିବାକୁ ମିଳୁଛି। ସେ ସମୟରେ ମୁକ୍ତିଲାଭ କରିଥିବା ମହାଲକ୍ଷ୍ମୀ ପୂଜା ର ଏକ ପୋଷ୍ଟର। ଯାହାର ପ୍ରଯୋଜକ ଥିଲେ କୃଷ୍ଣଚନ୍ଦ୍ର ତ୍ରିପାଠୀ ଏବଂ ନିର୍ଦ୍ଦେଶନା ଦେଇଥିଲେ ବିଶ୍ୱନାଥ ନାଏକ ବୋଲି ଜଣାପଡ଼ିଛି। ଏହି ଓଡିଆ କଥା।ଚିତ୍ରଟି ଉତ୍କଳ ଚଳଚ୍ଚିତ୍ର ପ୍ରତିଷ୍ଠାନ ଦ୍ୱାରା ମୁକ୍ତିଲାଭ କରିଥିଲା।

## ଜାତୀୟ କଳା ସମ୍ମିଳନୀ ଉଦ୍‌ଘାଟିତ



ଭୁବନେଶ୍ୱର, ୬।୩(ସମିସ): ଓଡ଼ିଶା ଲଳିତକଳା ଏକାଡେମୀ ଦ୍ୱାରା ରାଜ୍ୟ ସଂଗ୍ରହାଳୟ ପରିସରସ୍ଥ କଳିଙ୍ଗ ଆର୍ଟ ଗ୍ୟାଲେରୀରେ ୨ଦିନିଆ ଜାତୀୟ କଳା ସମ୍ମିଳନୀ 'କାନଭାସ୍ ପରେ: କଳାର ନୂଆ ପରିଚୟ-୨୦୩୬ ପରମ୍ପରା, ପ୍ରାଦ୍ୟୋଗିକ, ପରିବର୍ତ୍ତନ' ଶୀର୍ଷକ କଳାଚର୍ଚ୍ଚା ଉଦଘାଟିତ ହୋଇଯାଇଛି। ଏହି ସମ୍ମିଳନୀକୁ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନସଚିବ ଦେବପ୍ରସାଦ ଦାସ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା, ବିଭାଗର ଉପନିର୍ଦ୍ଦେଶିକା ତଥା ଓଡ଼ିଶା ଲଳିତକଳା ଏକାଡେମୀର ସଚିବ ଡ. ଦେବଯାନୀ ଭୂୟାଁ, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଅଦ୍ୱେତ ଚରଣ ଗଡ଼ନାୟକ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମିଳନୀରେ ବରିଷ୍ଠ ଚିତ୍ରଶିଳ୍ପୀଙ୍କ ସମେତ ବିଭିନ୍ନ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଯୁଧିଷ୍ଠିର ନାଟ୍ୟ ମହୋତ୍ସବରେ 'ଇନ୍ଦ୍ରଜାଲ'

ଭୁବନେଶ୍ୱର, ୬।୩(ସମିସ): ଯୁଧିଷ୍ଠିର ଥିଏଟର ପକ୍ଷରୁ ଦୁଇ ଦିନିଆ ନାଟ୍ୟ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜକ ନାଟ୍ୟ ଦଳ ପକ୍ଷରୁ ପରିବେଷଣ କରାଯାଇଥିଲା ନାଟକ 'ଇନ୍ଦ୍ରଜାଲ' ନାଟକଟିର ରଚନା ଦିପିକା ଦାସ୍ କରିଥିବା ବେଳେ ପରିକଳ୍ପନା, ନିର୍ଦ୍ଦେଶନା ଦେଇଥିଲେ ଦେବାନନ୍ଦ ନାୟକ ସୋନୀ। ନାଟକଟି ଗୋପାଳପୁର ସମୁଦ୍ର ତଟ ମତ୍ସ୍ୟଜୀବୀ ଗାଁର ଟୁରିଷ୍ଟ ଗାଇଡ ଶ୍ରୀନୁ ଏବଂ ସେଇ ଗାଁ ର ଝିଅ ଲୀନା ଯିଏକି ନିଜ ପରିବାର ସହିତ ରୁଷିଆ ଚାଲିଯାଇଥିଲା। ଦୁହିଁଙ୍କର ଏକ ସମ୍ବେଦନଶୀଳ ପ୍ରେମ କାହାଣୀ ଉପରେ ଆଧାରିତ। ଲୀନା ରୁଷିଆରୁ ଆସେ ନିଜର ଗବେଷଣା କାର୍ଯ୍ୟରେ ଏବଂ ଶ୍ରୀନୁ ସହିତ ଭେଟ ହୁଏ। ସତେଜ ହୋଇଯାଏ ପିଲାଦିନର ସମ୍ପର୍କ। କିନ୍ତୁ ସେଥିରେ ବାଧକ ସାଜେ ଗାଁ ର ପ୍ରଭାବଶାଳୀ ବ୍ୟକ୍ତି ଭେଙ୍କଟେଶ୍। ଆଞ୍ଚଳିକ ବିଶ୍ୱାସ ଅନୁଯାୟୀ ଗଭୀର ସମୁଦ୍ରରେ ଏକ ଶିଉଳି ଜାତୀୟ ଗୁଳ୍ମ ମିଳେ ଯାହାକୁ କେହି ଅନ୍ୟ ଜଣକୁ କିଛି ମନରେ ଆଶା ରଖି ଦେଲେ ଆଶା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ସେହି ଇନ୍ଦ୍ରଜାଲ ଆଣିବାକୁ ଶ୍ରୀନୁ ସାମୁଦ୍ରିକ ଝଡ଼କୁ ଉପେକ୍ଷା କରି ବାହାରି ଯାଇଛି। ଲୀନା ଅପେକ୍ଷାରେ ଅଛି, ବିଶ୍ୱାସ ରଖିଛି ଯେ ସମୁଦ୍ର ଯାହାନିଏ ପୁଣି ଫେରେଇ ଦିଏ। ଶ୍ରୀନୁକୁ ସମୁଦ୍ର ଫେରେଇ ଦେବ। ନାଟକର ବିଭିନ୍ନ ଭୂମିକାରେ ପ୍ରଦୀପ, ସୈ।ମ୍ୟା, ସୂର୍ଯ୍ୟରଞ୍ଜ, ବବୁଲ୍, ରୀତମ୍, ସନ୍ତୋଷ, ପ୍ରଭାତ, ବିବେକ, ଚନ୍ଦ୍ରଶେଖର ଅଭିନୟ କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଶକ୍ତି ମିଶ୍ର। ସେହିଭଳି ଆଲୋକ ସମ୍ପାଦନାରେ ଶୁଭଙ୍କର ଓ କାଜୋଲ ରାନୀ ରହିଥିବା ବେଳେ ମଞ୍ଚ ସଜ୍ଜାରେ ରହିଥିଲେ ରାହୁଲ୍। ପ୍ରକାଶଥାଉକି ନାଟ୍ୟ ମହୋତ୍ସବର ପ୍ରଥମ ସଂଧ୍ୟାରେ ଏକ୍ସପ୍ରେସନ୍ସ ନାଟ୍ୟ ସଂସ୍ଥା ପକ୍ଷରୁ ମଞ୍ଚସ୍ଥ ହୋଇଥିଲା ନାଟକ 'ଶୁକ ଶାରୀ କଥା'। କାର୍ତ୍ତିକ ଚନ୍ଦ୍ର ରଥଙ୍କ ଲିଖିତ ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ଦେବାନନ୍ଦ ନାୟକ ସୋନୀ।



### ମତ୍ସ୍ୟଜୀବୀ ଗାଁର ନିଆରା ପ୍ରେମ କାହାଣୀ

## ଏମ୍‌ପିଏଲ୍ ସିଜିନ୍-୫; ଆଭେଞ୍ଜର ଚାମ୍ପିଅନ୍



ଯାଁଳା, ୬।୩(ସମିସ): ଭୁବନେଶ୍ୱର ଉପକଣ୍ଠ ବାସୁଦେବ ୟୁଥ କ୍ଲବ, ବ୍ରହ୍ମକୁଣ୍ଡଳ ଆନୁକୂଲ୍ୟରେ ଆୟୋଜିତ ମହାବୀର ପ୍ରିମିୟର୍ ଲିଗ୍ ସିଜିନ୍ ୫ ଉଦ୍‌ଯାପିତ ହୋଇଯାଇଛି, ଅନ୍ତିମ ମ୍ୟାଚ୍‌ଟି ଆଭେଞ୍ଜର ଓ ମା ଜାଗୁଲେଇ ଦେଇ ମଧ୍ୟରେ ହୋଇଥିଲା। ଆଭେଞ୍ଜର ଦଳ ଟସ୍ ଜିତି ପ୍ରଥମେ ଫିଲଡିଂ କରିବାକୁ ନିଷ୍ପତ୍ତି ନେଇଥିଲ। ମା ଜାଗୁଲେଇ କ୍ଲବ ନିର୍ଦ୍ଧାରିତ ୧୨ ଓଭର୍‌ରେ ୮ ଉଇକେଟ୍ ବିନିମୟରେ ୧୨୧ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଆଭେଞ୍ଜର ଦଳ ମାତ୍ର ୯ ଓଭର୍ ରେ ୧୨୩ ରନ୍ କରି ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ପ୍ରଧାନ ୧୭ ବଲ୍‌ରୁ ୪୧ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଜଟଣୀ ବିଧାୟକ ପ୍ରତିନିଧି ଦିପକ୍ କୁମାର ଜେନା, ଶିକ୍ଷକ ଦେବେନ୍ଦ୍ର କୁମାର ଜେନା, ସୁକାନ୍ତ ମଙ୍ଗରାଜ, ସତ୍ୟପ୍ରିୟ ଜେନା, ସନ୍ତୋଷ ବଡ଼ଜେନା, ମଳୟ ଜେନା ପ୍ରମୁଖ ଅତିଥି ରୂପେ ଯୋଗଦେଇ ବିଜୟୀ ଟିମ୍‌କୁ ଟ୍ରଫିସହ ୧୪ ହଜାର ଟଙ୍କା ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫିସହ ୧୨ ହଜାର ଟଙ୍କା ପ୍ରଦାନ କରିଥିଲେ। ଫାଇନାଲ୍ ମ୍ୟାଚ୍‌ରେ ଓମ୍ ପ୍ରକାଶ ଜେନା ଓ ଆଲୋକ ରାଉତରାୟ ଖେଳ ପରିଚାଳନା କରିଥିଲେ।

## ଜଳସମ୍ପଦ ବିଭାଗର ସମୀକ୍ଷା ବୈଠକ



ଭୁବନେଶ୍ୱର, ୬।୩(ସମିସ): ଜଳସମ୍ପଦ ବିଭାଗ ଅଧୀନସ୍ଥ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡର ଏକ ସମୀକ୍ଷା ବୈଠକ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଓସିସିଏଲ୍ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡର ପ୍ରଶାସନିକ କାର୍ଯ୍ୟଧାରାକୁ ଅଧିକ ସୁଦୃଢ଼ କରିବା ପାଇଁ ଆଉଟସୋର୍ସିଂ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାର ନିୟମିତ ମୂଲ୍ୟାୟନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହାବ୍ୟତୀତ, ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତୀ ସମାପ୍ତି ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ସଘନ କ୍ଷେତ୍ର ପରିଦର୍ଶନ କରିବାକୁ ଏବଂ କାର୍ଯ୍ୟର ଅଗ୍ରଗତି ଉପରେ କଠୋର ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମାପ୍ତ ହୋଇଥିବା ଏବଂ ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକର ବଜେଟ୍ ଅନୁଦାନ ଏବଂ ବ୍ୟୟ ଅଟକଳର ଏକ ବ୍ୟାପକ ସମୀକ୍ଷା କରାଯାଇଥିଲା। ବିଶେଷ କରି ରାଜ୍ୟର ବିଭିନ୍ନ ନଦୀରେ ନିର୍ମାଣାଧୀନ 'ଇନଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର୍' ଗୁଡ଼ିକର ଅଗ୍ରଗତିର ମୂଲ୍ୟାୟନ କରାଯାଇଥିଲା। ମୌସୁମୀ ପୂର୍ବରୁ କାନପୁର ଏବଂ ସୁକତେଲ ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜଳ ସଂରକ୍ଷଣ ନିଶ୍ଚିତ କରିବା ପାଇଁ କଠୋର ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବିଭାଗ ଅଧୀନରେ ଥିବା ପ୍ରକଳ୍ପଗୁଡ଼ିକର ବନ୍ଧରେ ଗେଟ୍ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ଏହି ସମୀକ୍ଷା ବୈଠକରେ ଓସିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଇଂ. ବିଘ୍ନରାଜ ପୁରୋହିତଙ୍କ ସମେତ ମୁଖ୍ୟ ଯନ୍ତ୍ରୀ ଓ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ପ୍ରକଳ୍ପ ସ୍ଥଳର ମୁଖ୍ୟମାନେ ଆଭାସୀ ମାଧ୍ୟମରେ ଯୋଗଦେଇ କ୍ଷେତ୍ରସ୍ତରୀୟ ରିପୋର୍ଟ ଓ ତଥ୍ୟ ଉପସ୍ଥାପନ କରିଥିଲେ।

## କଲେଜ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା



ବାଲିଅନ୍ତା, ୬।୩(ସମିସ): ବାଲକାଟୀସ୍ଥିତ ପ୍ରତାପ ଶାସନ ଡିଗ୍ରୀ କଲେଜ ପରିସରରେ ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ବର୍ଷର ୮୭ ଛାତ୍ରୀଙ୍କୁ ନେଇ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଫେବୃଆରୀ ୨୦ ତାରିଖରୁ ଆରମ୍ଭ ହୋଇ ଏହି ଶିବିର ୧୦ ଦିନ ଧରି ଚାଲିଥିଲା। କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜ ନନ୍ଦ ଉଦଘାଟନ କରିଥିଲେ। ଜାତୀୟସ୍ତରୀୟ କରାଟେ କୋଚ ଉମାକାନ୍ତ ବେହେରା ଓ ସ୍‌ବେଦେସିନା ଶୁଭଦର୍ଶିନୀ ଛାତ୍ରୀମାନଙ୍କୁ ବିଭିନ୍ନ ଆତ୍ମରକ୍ଷା ପ୍ରଣାଳୀ ବିଷୟରେ ଶିକ୍ଷା ଦେଇଥିଲେ। କଲେଜ ର ଆତ୍ମରକ୍ଷା ସଂଯୋଜିକା ଅଧ୍ୟାପିକା ରଞ୍ଜିତା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିର ରେ ହଠାତ୍ ବିପଦ ସମୟରେ ଛାତ୍ରୀମାନେ କିପରି ସାହସ ଓ ସଚେତନତା ସହ ନିଜକୁ ସୁରକ୍ଷିତ ରକ୍ଷା କରିପାରିବେ ସେଥିପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା।

## ସବୁଜ ଭାରତ ପକ୍ଷରୁ ସମିତାଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୬।୩(ସମିସ):ସାମାଜିକ ଅନୁଷ୍ଠାନ 'ସବୁଜ ଭାରତ' ପକ୍ଷରୁ ୟୁନିଟ-୬ ସ୍ଥିତ ସତ୍ୟଭାମା ଦେବୀ ମୁକ ବଧିର ମହାବିଦ୍ୟାଳୟଠାରେ ବିଶ୍ୱ ମହିଳା ଦିବସ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସତ୍ୟବ୍ରତ ଜେନାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ପାଇକ ଆଖଡ଼ା ସଂଗଠନର ସଭାପତି ପ୍ରକାଶ ଶ୍ରୀଚନ୍ଦନ, ସତ୍ୟଭାମା ଦେବୀ ମହାବିଦ୍ୟାଳୟର ଅଧ୍ୟକ୍ଷା ନିରୋଜା ଲକ୍ଷ୍ମୀ ମହାପାତ୍ର, ନାରାୟଣ ସେବା ଫାଉଣ୍ଡେସନ୍ ସମ୍ପାଦିକା ସମିତା ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମାଜସେବୀ ସମିତା ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ବିଦ୍ୟାର୍ଥୀ ମାନେ ପରିଚାଳନା କରିଥିବା ବେଳେ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନାରୀ, ଶିଶୁ ନିର୍ଯାତନା ପ୍ରତିବାଦରେ ବିକ୍ଷୋଭ

# ଟେଟ୍ରା ପ୍ୟାକ୍‌ରେ ମାଦକ ଦ୍ରବ୍ୟ ବିକ୍ରି ନିଷିଦ୍ଧ ପାଇଁ ଦାବି

ଭୁବନେଶ୍ୱର, ୬।୩(ସମିସ): ମହିଳା, ଶିଶୁ ନିର୍ଯାତନା ପ୍ରତିବାଦ ତଥା ଟେଟ୍ରାପ୍ୟାକ୍ ମଦ ମାଧ୍ୟମରେ ମଦର ସହଜ ଓ ସୁବିଧା ଜନକ ବହୁଳ ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ନୀତିକୁ ବିରୋଧ କରି ଏଆଇଏମ୍‌ଏସ୍‌ଏସ୍ ଓଡ଼ିଶା ରାଜ୍ୟ କମିଟି ଆହ୍ୱାନରେ ସାରା ଓଡ଼ିଶା ପ୍ରତିବାଦ ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ସଙ୍ଗଠନର ଭୁବନେଶ୍ୱର ଜିଲ୍ଲା ସାଙ୍ଗଠନିକ କମିଟି ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକରେ ସଙ୍ଗଠନର ଭୁବନେଶ୍ୱର ଉପସଭାନେତ୍ରୀ ନିୟତି ଜାନାଙ୍କ ସଭାପତିତ୍ୱରେ ଏକ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ରାଜ୍ୟବାସୀଙ୍କ ମଧ୍ୟରେ ମଦ ଏବଂ ମାଦକ ଦ୍ରବ୍ୟର ପ୍ରସାରକୁ ନେଇ ବ୍ୟାପକ ଅସନ୍ତୋଷ ଦେଖାଯାଇଥିବା ବେଳେ ଦୀର୍ଘ ବର୍ଷ ଧରି 'ମଦମୁକ୍ତ ଓଡ଼ିଶା' ପାଇଁ ରାଜ୍ୟ ବାସୀ ବିଶେଷ କରି ମହିଳା ସମାଜ ଓ ଆମ ସଙ୍ଗଠନ ଏଆଇଏମ୍‌ଏସ୍‌ଏସ୍ ବାରମ୍ବାର ଦାବି କରି ଆସୁଥିଲେ ବି ତାହାର ସୁଫଳ ମିଳିନଥିବା ବିକ୍ଷୋଭକାରୀମାନେ କହିଛନ୍ତି। ଗତ ସାଧାରଣ ନିର୍ବାଚନ ସମୟରେ ମଦକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାର ରାଜ୍ୟରେ କ୍ଷମତାସୀନ ହେବା ପରେ ମଦର ପ୍ରସାର ଆହୁରି ବହୁଳ ଭାବେ ବୃଦ୍ଧି ପାଇବା ପାଇଁ ନୂଆ ନୂଆ ପଦକ୍ଷେପ ନେଉଛନ୍ତି। ଏହାସହ ସରକାର କେବଳ ରାଜକୋଷ ବୃଦ୍ଧି ପାଇଁ ମଦର ପ୍ରସାର କରୁ ନାହାନ୍ତି, ବରଂ ସବୁ ସ୍ତରର ଜନଗଣଙ୍କୁ ବିବେକ ବିଚାର ଶୂନ୍ୟ ପଶୁ ସଜାଇ ନିଜର ଅନ୍ୟାୟ ଶାସନ ଶୋଷଣକୁ ନିରଙ୍କୁଶ ଭାବେ ଚଳାଇବାକୁ ଚାହାଁନ୍ତି ବୋଲି ବିକ୍ଷୋଭକାରୀମାନେ ଅଭିଯୋଗ କରିଛନ୍ତି। ମଦ ମାଦକ ଦ୍ରବ୍ୟର ବ୍ୟାପକ ପ୍ରସାର ଆଜି ସମାଜକୁ କେଉଁ ସ୍ତରକୁ ଟାଣି ନେଇଛି ତା କାହାକୁ ଅଛପା ନାହିଁ। ବିଶେଷ କରି ନାରୀ, ଛାତ୍ରୀ ଓ ଶିଶୁ କନ୍ୟା ଆଜି ଅସୁରକ୍ଷିତ ଏବଂ ଅପହରଣ, ଦୁଷ୍କର୍ମ ଓ ହତ୍ୟା ଅତ୍ୟନ୍ତ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇ ଚାଲିଛି। ତେଣୁ ତୁରନ୍ତ ମଦକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ସହ ମହିଳା, ଛାତ୍ରୀ ଓ ଶିଶୁ କନ୍ୟାଙ୍କ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ସଙ୍ଗଠନ ପକ୍ଷରୁ ଦୃଢ଼ ଦାବିକରାଯାଇଛି। ଭୁବନେଶ୍ୱର ସଭାନେତ୍ରୀ ବିଜୟଲକ୍ଷ୍ମୀ ପାତ୍ର, ଉପସଭାନେତ୍ରୀ ପ୍ରବାସିନୀ ରାଉଳ, ସମ୍ପାଦିକା ପ୍ରଭାମଞ୍ଜୁଳା ବ୍ରହ୍ମ, ସଞ୍ଜୁକ୍ତା ସାମଲ ପ୍ରମୁଖଙ୍କ ନେତୃତ୍ୱ ନେଇଥିଲେ।




ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସାଗର ପରିଡା
ଏରବଙ୍ଗ, ଡିହସାହି
ତିରୋଧାନ - ୨୬.୦୨.୨୦୨୬
ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତ ରେ ଆମ୍ଭେମାନେ ଅନୁଭବ କରୁଛୁ । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦଗତି ହେଉ।
ଶୋକସନ୍ତପ୍ତ:
ରବିନ୍ଦ୍ର, ସୁରେନ୍ଦ୍ର, ନରେଶ, ସନ୍ତୋଷ, ଶଶିକାନ୍ତ ଓ ଶୋକାକୂଳ ପରିବାର ବର୍ଗ

# ଭୁବନେଶ୍ୱର ସିଟି



ଅପରାଧ ଦଣ୍ଡହାର

# ରାଜଧାନୀରେ ୩୯.୯%, କଟକରେ ୪୦.୩%

ଭୁବନେଶ୍ୱର,୬।୩(ସମିସ): ରାଜ୍ୟରେ ଅପରାଧ ବଢୁଛି ଏହା ସହ ଅପରାଧୀଙ୍କ ସଂଖ୍ୟା ବି ବଢୁଛି। ମାତ୍ର ଯେଉଁ ହାରରେ ଅପରାଧୀଙ୍କ ବିରୋଧରେ ଦଣ୍ଡବିଧାନ ହେବା କଥା, ତାହା ହୋଇ ପାରୁନାହିଁ। ଗତ ବିଧାନସଭା ଅଧିବେଶନ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦାନ କରିଥିବା ତଥ୍ୟ ରାଜ୍ୟରେ ଅପରାଧ ସଫଳତା ଝାରସୁଗୁଡ଼ା ଜିଲ୍ଲା ପୁଲିସ ହାସଲ କରିଛି, ସେପରି ସଫଳତା ଅନ୍ୟ ଜିଲ୍ଲା କାହିଁକି ପାଇନାହିଁ; ତାକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି। ଏପରିକି ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱର ଦଣ୍ଡହାର କ୍ଷେତ୍ରରେ ୧୦ ସ୍ଥାନ ମଧ୍ୟରେ ସ୍ଥାନ ନ ପାଇବା କମିଶନରେଟ ପୁଲିସ ପାଇଁ ଆହ୍ୱାନ ହୋଇଛି।

- ୮୯.୫% ସହ ଶୀର୍ଷରେ ଝାରସୁଗୁଡ଼ା
- ଦୁଇ ଅଙ୍କ ଛୁଇଁ ପାରିନାହିଁ ବାଲେଶ୍ୱର, ଯାଜପୁର, ନୟାଗଡ଼

ଦଣ୍ଡହାର କ୍ଷେତ୍ରରେ ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱର ସ୍ଥିତିକୁ ଦେଖିଲେ ନିରାଶ ହେବାକୁ ପଡ଼ିଛି । ତେବେ ଝାରସୁଗୁଡ଼ା ପରି ଉପାନ୍ତ ଜିଲ୍ଲାରେ ଅପରାଧ ଦଣ୍ଡହାର ୮୯.୫% ହେବା ଅନେକଙ୍କୁ ଆଶ୍ୱସ୍ତ କରିଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଓଡ଼ିଶା ଗସ୍ତ ସମୟରେ ନୂତନ ଦଣ୍ଡ ଆଇନରେ ଓଡ଼ିଶାର ସଫଳତା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। କୌଣସି ଜିଲ୍ଲାର ନାମ ଉଲ୍ଲେଖ ନ କରିଥିଲେ ହେଁ ଝାରସୁଗୁଡ଼ାର ସଫଳତା ହାର ୮୯.୫%ରେ ଦଣ୍ଡହାର ପହଞ୍ଚିବାକୁ ପ୍ରଶଂସା କରିଛନ୍ତି । ତେବେ ଯେଉଁ

ବିଧାନସଭାରେ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ଗତବର୍ଷ ଝାରସୁଗୁଡାରେ ବିଚାର ହୋଇଥିବା ୨୦୩୬ ମାମଲା ମଧ୍ୟରୁ ୧୮୨୩ ମାମଲାରେ ଦଣ୍ଡବିଧାନ ଶେଷ ହୋଇଛି। ଅନୁରୂପ ଭାବରେ ଅନୁଗୁଳ (୬୮%), ସିଆଇଡି-ସିବି (୬୬.୭%), ବ୍ରହ୍ମପୁର (୬୫.୬%), ଗଞ୍ଜାମ (୫୭.୨%) ଏବଂ ସମ୍ବଲପୁର (୫୪%) ସଫଳତା ପାଇଛନ୍ତି । ଭୁବନେଶ୍ୱର ପୁଲିସ ଜିଲ୍ଲା (୧୨ ତମ ସ୍ଥାନ)ରେ ଦଣ୍ଡବିଧାନ ହାର ୩୯.୯% ରହିଛି ଓ କଟକ ସହର ପୁଲିସର ସଫଳତା ହାର ରହିଛି ୪୦.୩%। କୌତୂହଳର ବିଷୟ ହେଉଛି, କେନ୍ଦ୍ରାପଡ଼ା ଜିଲ୍ଲାର ସଫଳତା ହାର ୩.୧% ରହିଛି। ଅନ୍ୟପକ୍ଷରେ ଜଗତସିଂହପୁର ଜିଲ୍ଲାରେ ଦଣ୍ଡହାର ୪.୩%, ବାଲେଶ୍ୱରରେ ୬.୨%, ନୟାଗଡ଼ାରେ ୮.୬% ଓ ଯାଜପୁରରେ ୮% ଥିବା ସୂଚନା ମିଳିଛି ।

ଡିଜିପି ୱାଇ ବି ଖୁରାନିଆ ତଦନ୍ତର କଠୋର ତଦାରଖ, ନୂତନ ଅପରାଧ ଆଇନ ଅନୁଯାୟୀ ଫୋରେନସିକ୍ ଏବଂ ବୈଜ୍ଞାନିକ ପ୍ରମାଣ ଉପରେ ଅଧିକ ନିର୍ଭରଶୀଳତା, ଉନ୍ନତ ଭିତ୍ତିଭୂମି ଏବଂ ଫାଷ୍ଟ-ଟ୍ରାକ୍ କୋର୍ଟ ପ୍ରତିଷ୍ଠା ଭଳି ସଂସ୍କାରକୁ ଦୋଷୀ ସାବ୍ୟସ୍ତ ହାର ବୃଦ୍ଧି ପାଇଥିବା ଉଲ୍ଲେଖ କରି ଝାରସୁଗୁଡ଼ା ଜିଲ୍ଲା ପୁଲିସକୁ ପ୍ରଶଂସା କରିଛନ୍ତି। ତେବେ ପଶ୍ଚିମ ଓଡ଼ିଶାରେ ଝାରସୁଗୁଡା ପରି, ସମ୍ବଲପୁର ଏବଂ ବଲାଙ୍ଗିର ଜିଲ୍ଲାଗୁଡ଼ିକ ମଧ୍ୟ ଉଲ୍ଲେଖନୀୟ ଦଣ୍ଡବିଧାନ ହାର ହାସଲ କରିଥିବା ସମୟରେ ଉପକୂଳ ଜିଲ୍ଲାଗୁଡ଼ିକ ଏ କ୍ଷେତ୍ରରେ ଅସଫଳ ହେବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଝାରସୁଗୁଡ଼ା ଏସପି ଜିଆର ରାଘବେନ୍ଦ୍ରଙ୍କ ନେତୃତ୍ୱରେ ପୁଲିସ ୧୪ କୋଟି ଟଙ୍କାର ଏକ ପ୍ରମୁଖ ଆନ୍ତଃରାଜ୍ୟ ସାଇବର ଠକେଇ ସିଣ୍ଡିକେଟ୍ ଧରିବା ସହ ଏହାର ମୁଖିଆକୁ ଗିରଫ କରିଛି। ଏହା ସହ ଜେଲରେ ଅତର୍କିତ ଚଢାଉ ସମେତ ଡ୍ରଗ୍ସ ରାକେଟ (ବ୍ରାଉନ୍ ସୁଗାର) ଏବଂ ବେଆଇନ କାର୍ଯ୍ୟକଳାପ ଧରିବା ଝାରସୁଗୁଡ଼ା ପୁଲିସକୁ ସଫଳତା ଦେଇଛି। ଅନୁରୂପ ଭାବରେ ମାତ୍ର ୯୯ ଦିନରେ ଏକ ଜଘନ୍ୟ ପୋକ୍ସୋ ମାମଲାରେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ପ୍ରଦାନ କରିବାରେ ଝାରସୁଗୁଡ଼ା ପୁଲିସ ଉଲ୍ଲେଖନୀୟ ସଫଳତା ପାଇଛି । ଏହା ସହ ଆଉ ଏକ ମାମଲାରେ ମାତ୍ର ୧୬ ଦିନରେ ଚାର୍ଜସିଟ୍ ଦାଖଲ ସହ ୫୫ ଦିନ ମଧ୍ୟରେ ଅଭିଯୁକ୍ତକୁ ୨୫ ବର୍ଷ ଜେଲ ଦଣ୍ଡ ଦେବାରେ ଝାରସୁଗୁଡ଼ା ପୁଲିସର ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଯେଉଁଥିପାଇଁ ଏସ୍‌ପି ଜି.ଆର୍.ରାଘବେନ୍ଦ୍ରଙ୍କୁ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ ୨୦୨୫ ରେ ସମ୍ମାନିତ କରାଯାଇଛି।



## ଜେଲ୍ ୱାର୍ଡରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ଭୁବନେଶ୍ୱର, ୬।୩(ସମିସ): ଭୁବନେଶ୍ୱରରେ ରହୁଥିବା ଜେଲ୍ ୱାର୍ଡର ସାରଥୀ ପ୍ରଧାନଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା କୁହାଯାଉଛି। ସାରଥୀ ନୟାଗଡ଼ ସବ୍ ଜେଲରେ ଜେଲ ୱାର୍ଡର ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ବୟସ ୪୦। ଘର ଗଜପତି ଜିଲ୍ଲା ଆର୍ ଉଦୟଗିରି ଅଞ୍ଚଳରେ ହୋଇଥିଲା ବେଳେ ପରିବାର ସହ ସେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଜେଲ୍ କ୍ୱାର୍ଟର୍ସରେ ରହୁଥିଲେ। ପାରିବାରିକ କଳହ ଯୋଗୁଁ ଏଭଳି ଘଟିଥିବା ପୁଲିସ ଅନୁମାନ କରୁଛି।

ପୁଲିସ ସୂଚନା ମୁତାବକ ସେ ଛୁଟିରେ ଘରକୁ ଆସିଥିଲେ। ଜେଲ କ୍ୱାର୍ଟର୍ସରେ ତାଙ୍କ ପତ୍ନୀ, ପୁଅ, ଝିଅ ଏବଂ ଝିଆରି ରହୁଥିଲେ। ଗୁରୁବାର ରାତିରେ ସେମାନେ ଶୋଇଥିଲେ। ସକାଳୁ ଘରେ ଅନ୍ୟ ଏକ ରୁମ୍‌ରେ ଧୋତିକୁ ଫାଶ କରି ଝୁଲି ପଡ଼ିଥିଲେ। ପିଲାମାନେ ପତ୍ନୀକୁ ଏସମ୍ପର୍କରେ ଜଣାଇବା ପରେ ପୁଲିସକୁ ଖବର ଦିଆଯାଇଥିଲା। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଶନିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

**ରାଜଧାନୀରେ ଅପରାଧ ବଢୁଛି**

## ପୂର୍ବଶତ୍ରୁତାରୁ ମିଠା ଦୋକାନୀଙ୍କୁ ଆକ୍ରମଣ

- କ୍ୟାପିଟାଲ ପରେ ଘରୋଇ ହସ୍ପିଟାଲ ସ୍ଥାନାନ୍ତର
- ସଂଗଠିତ ଅପରାଧ ରୋକ ଲଗାଇବାରେ ପୁଲିସ୍ ବିଫଳ

ଭୁବନେଶ୍ୱର, ୬।୩(ସମିସ): ଲିଙ୍ଗରାଜ ଥାନା ଅନ୍ତର୍ଗତ ସାମନ୍ତରାପୁରରେ ମିଠା ଦୋକାନୀଙ୍କୁ ଆକ୍ରମଣ ହୋଇଛି। ଆହତ ମିଠା ଦୋକାନୀ ହେଲେ ଦିଲୁ ବେହେରା। ଘଟଣା ଘଟିବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ସିସିଟିଭି ଯାଞ୍ଚ କରିଛି। ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ମଧ୍ୟ ମିଳିଛି। ପୂର୍ବରୁ ଦିଲୁଙ୍କୁ ଅଭିଯୁକ୍ତ ଟାର୍ଗେଟ କରିଥିଲେ। ଖୁବଶୀଘ୍ର ସେମାନଙ୍କୁ କାବୁ କରାଯିବ ବୋଲି କମିଶନରେଟ ପୁଲିସ ସୂଚନା ଦେଇଛି। ମିଠା କିଣାକୁ ନେଇ ବଚସା ପରେ ଦୁର୍ବୃତ୍ତ ହାଣିଥିଲେ। ପୂର୍ବ ଶତ୍ରୁତାରୁ ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ସୂଚନାଯୋଗ୍ୟ, ଅସୁରକ୍ଷିତ ହୋଇପଡ଼ିଲାଣି ରାଜଧାନୀ ଭୁବନେଶ୍ୱର ଘରୁ ବାହାରିବାକୁ ଡର ଲାଗୁଛି। ବିଟ୍ ରାସ୍ତାରେ ଖଣ୍ଡା ବୁଲୁଛି। ଦୁର୍ବୃତ୍ତ ଯାହାକୁ ପାରୁଛନ୍ତି ତାକୁ ହାଣୁଛନ୍ତି। ରାଜଧାନୀର ଛାତି ଉପରେ ଅପରାଧୀ ବେଧଡ଼କ ଭାବେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଥିବାବେଳେ ପୁଲିସ ଯେପରି ନାଚାର ହୋଇ ବସିଛି। ଉଦାହରଣ ସ୍ୱରୂପ ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ମିଠା ଦୋକାନୀଙ୍କୁ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ ହୋଇଛି। ୩ ଦୁର୍ବୃତ୍ତ ବାଇକରେ ଆସି ମିଠା ବ୍ୟବସାୟୀ ଦିଲ୍ଲୀପ ବେହେରାଙ୍କୁ ହାଣିଛନ୍ତି। ଖାଲି ସେତିକି ନୁହେଁ ସେମାନେ ଦୋକାନରେ ପଶି ଭଙ୍ଗାରୁଜା କରିଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମିଠା ଦୋକାନୀଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସାମାନ୍ୟ ବଚସାକୁ ନେଇ ଏ ଆକ୍ରମଣ ହୋଇଥିବା ଜଣାପଡ଼ିଛି। ଜନଗହଳିପୂର୍ଣ୍ଣ ସ୍ଥାନରେ ଏଭଳି ଆକ୍ରମଣ ପରେ ସ୍ଥାନୀୟ ବାସିନ୍ଦା ଆତଙ୍କିତ ହୋଇପଡ଼ିଛନ୍ତି। ପୁଲିସ ଘଟଣାର ଛାନଭିନ୍ ଚଳାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ଟେର୍ ପାଇପାରିନାହିଁ। କେବଳ ଏହି ଘଟଣା ନୁହେଁ, ଭୁବନେଶ୍ୱରରେ କିଛିଦିନ ହେଲା ଅପରାଧ ବଢ଼ିଚାଲିଛି। ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଦୁର୍ବୃତ୍ତମାନେ ଜଘଣ୍ୟ କାଣ୍ଡ ଘଟାଉଛନ୍ତି। ଫେବୃଆରୀ ୨୮ରେ ରାଜଧାନୀରେ ୟୁଟ୍ୟୁବର ରାହୁଲ ମହାରଣାଙ୍କୁ ନିର୍ମମ ଭାବେ ଛୁରି ଭୁସି ହତ୍ୟା କରିଥିଲେ ଦାଦା ଓ ଦୁଇ ପୁତୁରା। ହୋଲି ଦିନ ଭରତପୁର ଫୁଲେଶ୍ୱର ବସ୍ତିରେ ସ୍ତ୍ରୀକୁ ଛୁରୀ ଭୁଶି ସ୍ୱାମୀ ହତ୍ୟା କରିଥିଲା। କିଛିଦିନ ତଳେ ପାତ୍ରପଡ଼ା ଅଞ୍ଚଳରେ ୮ଜଣ ଦୁର୍ବୃତ୍ତ ବାଇକରେ ଆସି ଏକ ଦୋକାନରେ ପଶିଥିଲେ? ଆଗରେ ଯାହାକୁ ପାଇଲେ ଖଣ୍ଡା ଓ କାତିରେ ହାଣି ଥିଲେ। ଯାହାର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। ସେହିଦିନ ସକାଳୁ ଜଣେ ପୁଲିସ ଅଧିକାରୀଙ୍କ ମାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ଫେରାର ହୋଇଯାଇଥିଲେ ଦୁର୍ବୃତ୍ତ। କେବଳ ହତ୍ୟାକାଣ୍ଡ ନୁହେଁ, ଖଣ୍ଡା ଭୁଜାଳିରେ ଲୋକଙ୍କୁ ହାଣି ଲହୁଲୁହାଣ କରିବା, ଛିନତାଇ, ଚୋରି, ଡକାୟତି, ବୋମା ତିଆରି ଭଳି ଅପରାଧ ଦିନକୁ ଦିନ ରାଜଧାନୀରେ ବଢ଼ିଚାଲିଛି। ଆଉ ଏଥିରେ ରୋକ୍ ଲଗାଇବା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସାଜିଛି। ସେପଟେ ରାଜଧାନୀରେ ପୋଲିସିଂକୁ ନେଇ ମଧ୍ୟ ଏବେ ସାଧାରଣରେ ପ୍ରଶ୍ନ ଉଠିଛି।

## ଗାଡି ଚଢ଼ାଇ ମାରିବା ଅଭିଯୋଗରେ ଯୁବକ ଗିରଫ

ଭୁବନେଶ୍ୱର, ୬।୩(ସମିସ): ଜମିଜମା ମାମଲାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ଧମକ ଦେବା ସହ ଗାଡି ଚଢ଼ାଇ ମାରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ମନୋଜ ଭୋଇ ଓରଫ ମନୁଆ। ମନୁଆ ଜଣେ ଅଭ୍ୟାସଗତ ଅପରାଧୀ ବୋଲି ପୁଲିସ କହୁଥିଲା ବେଳେ ତା ନାମରେ ୭ଟି ଅପରାଧୀକ ମାମଲା ରହିଛି।

ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀଙ୍କର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ମହତାବ ହାଟରେ ଗୋଖି ବାବା ଲସି ଦୋକାନ ନାମରେ ଏକ ଲସି ଦୋକାନ ଅଛି। ଗତ ୩ ତାରିଖ ରାତିରେ ସେ ଅନ୍ୟ ତିନି ବନ୍ଧୁଙ୍କ ସହ ନିଜ ଦୋକାନରେ ଉପସ୍ଥିତ ଥିବା ବେଳେ ଅଭିଯୁକ୍ତ ଜଣକ ଦୋକାନ ନିକଟକୁ ଆସି ଏକ ଜମିଜମା ମାମଲାକୁ କେନ୍ଦ୍ର କରି ପୂର୍ବରୁ ଦୁଇ ଗୋଷ୍ଠୀ ମଧ୍ୟରେ ରହି ଆସିଥିବା ବିବାଦକୁ କେନ୍ଦ୍ରକରି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଉକ୍ତ ମାମଲାରେ ହସ୍ତକ୍ଷେପ ନକରିବା ଲାଗି ଧମକ ଦେଇଥିଲେ। ପରେ ସେ ଏକ ମାରଣାସ୍ତ୍ର ଦେଖାଇ ଅଭିଯୋଗକାରୀଙ୍କୁ ଭୟଭୀତ କରିବା ସହ ତାଙ୍କ ହାତରେ ମାତ୍ର ୧୨ ଘଣ୍ଟା ସମୟ ବାକିଥିବା କହି ଧମକ ଦେଇଥିଲେ। ଏହି ଘଟଣା ପରେପରେ ସେହି ଦିନ ହିଁ ଚିଲି ପୋଖରୀ ଅଞ୍ଚଳରେ ଘଟିଥିବା ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଅଭିଯୁକ୍ତ ଜଣକ ଆହତ ହୋଇଥିଲେ। ପୁଲିସ ମାମଲାର ତଦନ୍ତ କରିବା ସହ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢାଉ ଜରିଆରେ ଅଭିଯୁକ୍ତ ମନୋଜ ଭୋଇ ଓରଫ ମନୁଆଙ୍କୁ ରବି ଟକିଜ ଅଞ୍ଚଳରୁ ଗିରଫ କରିଥିବା ବେଳେ ସେ ତାଙ୍କର ଦୋଷ ସ୍ୱୀକାର କରିଥିବା ପୁଲିସ କହିଛି।

## ବିବାହ ପାଇଁ ମନା କରିବାରୁ ପୁରୁଣା ପ୍ରେମିକାକୁ ଆକ୍ରମଣ



ଅଭିଯୋଗ ପରେ ପ୍ରେମିକ ଗିରଫ

ଭୁବନେଶ୍ୱର, ୬।୩(ସମିସ): ରାଜଧାନୀରେ କମ୍ପିଟେଟିଭ୍ ପରୀକ୍ଷା ପାଇଁ କୋଚିଂ ନେବାକୁ ଆସିଥିବା ଯୁବତୀଙ୍କ ସହ ପ୍ରେମ। ଏହାପରେ ପ୍ରେମରେ ଫାଟ। ଏହାକୁ ସହ୍ୟ କରି ନ ପାରି ଯୁବତୀଙ୍କୁ ବିଭିନ୍ନ ଉପାୟରେ ହଇରାଣ କରୁଥିଲେ ପ୍ରେମିକ। ପାଞ୍ଚବର୍ଷ ପରେ ପୁରୁଣା ପ୍ରେମିକଙ୍କୁ ପୁଣି ପ୍ରେମ ନିବେଦନ କରିବା ସହ ବିବାହ ପ୍ରସ୍ତାବ ଦେଇଥିଲେ। ହେଲେ ପୁରୁଣା ପ୍ରେମିକା ମନା କରିବାରୁ ତାଙ୍କୁ ଆକ୍ରମଣ ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ପୁଲିସ ପ୍ରେମିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ପୁଲିସ ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ଏବଂ ଅଭିଯୁକ୍ତ ପୂର୍ବରୁ ୨୦୧୯ ମସିହାରୁ ପରସ୍ପରକୁ ଜାଣିଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତଙ୍କ ଆଚରଣ ଏବଂ ଅନ୍ୟାନ୍ୟ ମନ୍ଦ ଅଭ୍ୟାସ ଯୋଗୁଁ ଅଭିଯୋଗକାରିଣୀ ତାଙ୍କ ସହିତ ସମ୍ପର୍କ ଛିନ୍ନ କରିଦେଇଥିଲେ। ଯୋଗାଯୋଗ ବନ୍ଦ କରିଦେଇଥିଲେ। ଅଭିଯୋଗକାରିଣୀ ୨୦୨୩ ମସିହାରେ ପ୍ରତିଯୋଗିତା ମୂଳକ ପରୀକ୍ଷା ପ୍ରସ୍ତୁତି ପାଇଁ ଭୁବନେଶ୍ୱର ଆସିବା ପରେ ଅଭିଯୁକ୍ତ ଜଣକ ୨୦୨୪ ମସିହାରେ ଭୁବନେଶ୍ୱର ଆସିଥିଲେ। ନୟାପଲ୍ଲୀର ବାଣିକ କୋଚିଂ ସେଣ୍ଟରରେ ଯୋଗ ଦେଇଥିଲେ। ଯେଉଁଠାରେ ଅଭିଯୋଗକାରିଣୀ ପାଠପଢୁଥିଲେ। ଏହା ପରେ ଅଭିଯୁକ୍ତ ପୁଣି ଅଭିଯୋଗକାରିଣୀଙ୍କ ସହିତ ଯୋଗାଯୋଗ କରିବା ଆରମ୍ଭ କରିଦେଇଥିଲେ। ତାଙ୍କୁ ଧମକ ଦେଇଥିଲେ ଯେ ଯଦି ସେ ତାଙ୍କ ସହିତ କଥା ନ ହୁଅନ୍ତି, ତେବେ ସେ ସେମାନଙ୍କ ପୂର୍ବ ସମ୍ପର୍କ ତାଙ୍କ ପରିବାର ସଦସ୍ୟଙ୍କୁ ଜଣାଇଦେବେ। ଏହି ପରିସ୍ଥିତିର ସୁଯୋଗ ନେଇ ଅଭିଯୁକ୍ତ ଜଣକ ବିଭିନ୍ନ ସମୟରେ ଅଭିଯୋଗକାରିଣୀଙ୍କୁ ହଇରାଣ ଏବଂ ଧମକ ଦେବା ଆରମ୍ଭ କରିଦେଇଥିଲେ। ଅଭିଯୁକ୍ତ ଜଣକ ଅଭିଯୋଗକାରିଣୀଙ୍କୁ ଅନୁସରଣ କରିବା ସହ ତାଙ୍କୁ ହଇରାଣ କରୁଥିଲେ। ଦୁର୍ବ୍ୟବହାର କରୁଥିଲେ। ସେ ରହୁଥିବା ହଷ୍ଟେଲ ନିକଟକୁ ଆସି ମଧ୍ୟ ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ଅଭିଯୁକ୍ତ ଜଣକ ପୂର୍ବରୁ ଅଭିଯୋଗକାରିଣୀଙ୍କ ପରିବାର ସଦସ୍ୟଙ୍କୁ ଏହି ବିଷୟରେ ୨୦୨୫ ମସିହାରେ ଜଣାଇଥିଲେ। ଯାହା ଫଳରେ ଅଭିଯୋଗକାରିଣୀଙ୍କ ପରିବାର ସଦସ୍ୟ ଭୁବନେଶ୍ୱର ଆସି ତାଙ୍କୁ ନିଜ ଘରକୁ ଫେରାଇ ନେଇଯାଇଥିଲେ। ପରେ ଅଭିଯୋଗକାରିଣୀ ପୁନର୍ବାର ଭୁବନେଶ୍ୱର ଫେରି ଆସି ହଷ୍ଟେଲ ପରିବର୍ତ୍ତନ କରିବା ପରେ ତାଙ୍କର ପାଠପଢ଼ା ଜାରି ରଖିଥିଲେ। କିନ୍ତୁ ଅଭିଯୁକ୍ତ ଜଣକ ପୁଣି ସେ ରହୁଥିବା ସ୍ଥାନ ଖୋଜି ତାଙ୍କୁ ଅନୁସରଣ କରି ହଇରାଣ କରିବା ଜାରି ରଖିଥିଲେ। ଗତ ୫ ତାରିଖରେ ରାମ ମନ୍ଦିର ନିକଟରେ ଅଭିଯୁକ୍ତ ଜଣକ ଅଭିଯୋଗକାରୀଙ୍କୁ ଉକ୍ତ ସ୍ଥାନକୁ ଡାକି ତାଙ୍କ ସହିତ ରହିବା ଏବଂ ବିବାହ କରିବାକୁ ଚାପ ପକାଇଥିଲେ। ସେ ମନା କରିବାରୁ ଅଭିଯୁକ୍ତ ଜଣକ ଉତ୍ତ୍ୟକ୍ତ ହୋଇ ତାଙ୍କ ହାତ ମୋଡ଼ି ରକ୍ତାକ୍ତ ଆଘାତ ଦେଇଥିଲେ ଏବଂ ତାଙ୍କ ବେକକୁ ମଧ୍ୟ ଚିପିଧରି ଆକ୍ରମଣ କରିଥିଲେ। ଏହି ଘଟଣା ସମୟରେ ଅଭିଯୁକ୍ତ ଜଣକ ଅଭିଯୋଗକାରିଣୀଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନେଇ, ତାଙ୍କ ପରିବାର ସଦସ୍ୟଙ୍କୁ ଫୋନ୍ କରିଥିଲେ ଏବଂ ଜୋରଜବରଦସ୍ତି ୧୦୦୦ ଟଙ୍କା ନେଇ ରାସ୍ତାରେ ଉପଦ୍ରବ ସୃଷ୍ଟି କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗକାରିଣୀ ଖାରବେଳନଗର ଥାନାର ଦ୍ୱାରସ୍ଥ ହୋଇଥିଲେ। ତଦନ୍ତ ସମୟରେ ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା କ୍ରମେ ନୂଆପଲ୍ଲୀ ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତ କେ.ଡି. ମାନସରଞ୍ଜନ ଦାସଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ।

## ଜାତୀୟ ଫୋରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟିତ

**ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାଇବର ଥାନାର ଶୁଭ ଉଦଘାଟନ**

ଭୁବନେଶ୍ୱର, ୬।୩(ସମିସ): ଦେଶର ଗୃହ ଏବଂ ସହକାରୀତା ମନ୍ତ୍ରୀ ଅମିତ ଶାହା ଦିନିକିଆ ଓଡ଼ିଶା ଗସ୍ତରରେ ଆସି ଜାତୀୟ ଫୋରେନସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଅସ୍ଥାୟୀ କ୍ୟାମ୍ପସକୁ ଉଦ୍‌ଘାଟନ କରିଛନ୍ତି। ଏହା ସହିତ କେନ୍ଦ୍ରୀୟ ଫୋରେନସିକ୍ ବିଜ୍ଞାନ ପ୍ରୟୋଗଶାଳାର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

ଓଡ଼ିଶା ପୁଲିସ ଏବଂ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି। ଏହା ସାଇବର ସୁରକ୍ଷା ଏବଂ ତଦନ୍ତ କ୍ଷେତ୍ରରେ ପୁଲିସର ସାମର୍ଥ୍ୟ ବୃଦ୍ଧି କରିବ। ଓଡ଼ିଶା ପୁଲିସ ଏବଂ ଜାତୀୟ ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟ ମଧ୍ୟରେ ଆଉ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି। ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟ ରାଜ୍ୟ ପୁଲିସକୁ ଆଧୁନିକ ତାଲିମ ପ୍ରଦାନ କରିବ।

ଏହି ଅବସରରେ ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍‌ଘାଟନ କରାଯାଇଥିଲା। ଏହାର ୧୦ଟି ଷ୍ଟଲକୁ ଗୃହ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏଥିସହ ରାଜ୍ୟର ୨୦ ଜିଲ୍ଲାରେ ୨୦ ଟି ନୂତନ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ପୁଲିସ ଥାନାର ଲୋକାର୍ପଣ ଆଭାସୀ ମାଧ୍ୟମରେ କରିଛନ୍ତି।

## ବିଶୃଙ୍ଖଳିତ ଆଚରଣ କରି ଯୁବକ ଗିରଫ



ଭୁବନେଶ୍ୱର, ୬।୩(ସମିସ): ବେଆଇନ୍ ଭାବେ ଅନ୍ୟ ଜଣଙ୍କ ଘରେ ପ୍ରବେଶ କରି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୁଲିସ ଫରେଷ୍ଟପାର୍କ କୁକୁଟେଶ୍ୱର ବସ୍ତି ଅଞ୍ଚଳର ବିପନ କୁମାର ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ସୂଚନା ମୁତାବକ, ଗତ ୪ତାରିଖ ଦିନ ଅଭିଯୋଗକାରିଣୀ ଯେତେବେଳେ ତାଙ୍କ ଘରେ ଉପସ୍ଥିତ ଥିଲେ ଅଭିଯୁକ୍ତ ତାଙ୍କ ଘରକୁ ଆସି ଗେଟ୍ ବାଡ଼େଇଥିଲେ। ଅଭିଯୋଗକାରିଣୀ ଗେଟ୍ ଖୋଲିବା ପରେ ବିପନ ନାୟକ ଜୋରଜବରଦସ୍ତ ତାଙ୍କ ଘରେ ପ୍ରବେଶ କରି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ସହ ତାଙ୍କ ସହିତ ଅଶାଳୀନ ବ୍ୟବହାର କରିଥିଲେ। ଘଟଣାସ୍ଥଳରୁ ଖସି ପଳାଇ ଯାଇଥିଲେ। ଏସମସ୍ତ ଘଟଣା ଅଭିଯୋଗକାରିଣୀଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ତେଣୁ ସେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ଘଟଣାସ୍ଥଳରୁ ସିସିଟିଭି ଫୁଟେଜ୍ ସଂଗ୍ରହ କରାଯାଇଥିଲା, ଯାହା ଅଭିଯୁକ୍ତଙ୍କ ଏହି ଘଟଣାରେ ସମ୍ପୃକ୍ତିକୁ ପ୍ରମାଣିତ କରିଥିଲା। ଅଭିଯୁକ୍ତ ବିପନ କୁମାର ନାୟକଙ୍କୁ ଗିରଫ କରାଯାଇଥିଲା ଏବଂ ପଚରାଉଚରା ସମୟରେ ସେ ଏହି ଅପରାଧରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ।

## ଜମି ଦଖଲ ଅଭିଯୋଗ; ଜଣେ ଗିରଫ



ଭୁବନେଶ୍ୱର, ୬।୩(ସମିସ): ଜୋର ଜବରଦସ୍ତି ମହିଳାଙ୍କ ପ୍ଲଟ୍ କବଜା କରିବା ଅଭିଯୋଗରେ ଶ୍ରୀ ଲିଙ୍ଗରାଜ ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଶ୍ରୀରାମ୍ ନଗର ଅଞ୍ଚଳର ହେଲେ ରଞ୍ଜନ କୁମାର ମହାରଣା। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ସ୍ନେହାଞ୍ଜଳି ମିଶ୍ର ଖଣ୍ଡଗିରୀ ଥାନା ଅନ୍ତର୍ଗତ ଧର୍ମ ବିହାର ଅଞ୍ଚଳରେ ପରିବାର ସହ ରୁହନ୍ତି। ତାଙ୍କର ଲିଙ୍ଗରାଜ ଥାନା ଅନ୍ତର୍ଗତ ଶ୍ରୀରାମ ନଗର, ଲେନ-୧୫ ରେ ୧୨୬୪ ନମ୍ବର ପ୍ଲଟ ରହିଛି, ଯାହାକି ପୂର୍ବରୁ ତାଙ୍କ ମାଙ୍କ ନାମରେ ଥିଲା। ପରବର୍ତ୍ତୀ ସମୟରେ ଗତ ୨୦୧୨ ମସିହାରେ ଉକ୍ତ ପ୍ଲଟଟି ତାଙ୍କ ନାମକୁ ପରିବର୍ତ୍ତିତ ହୋଇଥିଲା। ସେହି ପ୍ଲଟକୁ ଲାଗିକରି ଅଭିଯୁକ୍ତ ରଞ୍ଜନ କୁମାର ମହାରଣାଙ୍କ ଏକ ପ୍ଲଟ ରହିଛି। ଗତ କାଲି ସକାଳେ ଅଭିଯୋଗକାରିଣୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଅଭିଯୁକ୍ତ ରଞ୍ଜନ ଏବଂ ତାଙ୍କ ପତ୍ନୀ ସୁଚେତା ମହାରଣା କିଛି ସହଯୋଗୀଙ୍କ ସହାୟତାରେ ଅଭିଯୋଗକାରିଣୀଙ୍କ ଉକ୍ତ ପ୍ଲଟ ମଧ୍ୟରେ ବେଆଇନ ଭାବେ ପ୍ରବେଶ କରି ଅଶାଳୀନ ଭାବେ ଗାଳିଗୁଲଜ କରିବା ସହ ଜୀବନରୁ ମାରିବାର ଧମକ ଦେଇଥିଲେ ଏବଂ ଚାରି ପାଖ ପାଚେରୀ ସବୁକୁ ଭାଙ୍ଗି ଦେଇଥିଲେ। ଏହି ବିବାଦକୁ କେନ୍ଦ୍ର କରି ପୂର୍ବରୁ ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ ୨୦୨୫ ମସିହା ମଇ ମାସରେ ଶ୍ରୀ ଲିଙ୍ଗରାଜ ଥାନା କେସ ନମ୍ବର-୧୪୬/୨୦୨୫ ରେ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା। ଠିକ ସେହି ସମୟରେ ଅଭିଯୁକ୍ତଙ୍କ ପତ୍ନୀ ସୁଚେତା ମହାରଣା ମଧ୍ୟ ଅଭିଯୋଗକାରିଣୀଙ୍କ ବିରୋଧରେ ପାଲଟା ଅଭିଯୋଗ କରିଥିଲେ। ଅଭିଯୋଗକାରିଣୀ ଖଣ୍ଡଗିରି ଅଞ୍ଚଳରେ ରହୁଥିବା ହେତୁ ଉକ୍ତ ପ୍ଲଟର ଦେଖାଶୁଣା କରିବାରେ ଅସୁବିଧା ହୋଇଥାଏ। ଏହାର ସୁଯୋଗ ନେଇ ଅଭିଯୁକ୍ତମାନେ ଗୁରୁବାର ଉକ୍ତ ପ୍ଲଟ ମଧ୍ୟରେ ପଶି ଉପରୋକ୍ତ କାଣ୍ଡ ଭିଆଇବା ସହ ଅଭିଯୋଗକାରିଣୀଙ୍କୁ ୫ ଲକ୍ଷ ଟଙ୍କା ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଯଦି ସେ ଟଙ୍କା ନାଦିଅନ୍ତି ତେବେ, ସେମାନେ ତାଙ୍କୁ ଉକ୍ତ ପ୍ଲଟରେ ପ୍ରବେଶ କରାଇ ଦେବେ ନାହିଁ କିମ୍ବା ସେଠାରେ କୌଣସି ନିର୍ମାଣ କାର୍ଯ୍ୟ କରାଇ ଦେବେ ନାହିଁ ବୋଲି ଧମକ ଦେଇଥିଲେ। ଏହା ବ୍ୟତୀତ ସେ ଅଭିଯୋଗକାରିଣୀଙ୍କ ମାଆଙ୍କ ନିକଟରୁ ବହୁପୂର୍ବରୁ ସେହି ପ୍ଲଟଟିକୁ କିଣିଥିବା ନେଇ ମିଥ୍ୟା ଦାବୀ ଉପସ୍ଥାପନ କରିଥିଲେ।

**ବାଧକ ସାଜୁଛି ଧୂଳି, ଧୂଆଁ, ଉଚ୍ଚ ଅଟ୍ଟାଳିକା**

# ଅଧା ସହରରୁ ପକ୍ଷୀ ଉଭାନ

ଭୁବନେଶ୍ୱର, ୬।୩(ସମିସ): ସକାଳ ହେଲେ ନା କାଉର କା କା ରାବ ଶୁଣାଯାଉଛି ନା କୋଇଲିର କୁହୁତାନ ଶୁଣିବାକୁ ମିଳୁଛି। ନା ସନ୍ଧ୍ୟା ହେଲେ ଦଳ ଦଳ ପକ୍ଷୀ ଆକାଶରେ ଉଡ଼ି ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଅନୁଧ୍ୟାନ କଲେ ଏବେ ଅଧା ସହରରୁ ପକ୍ଷୀମାନେ ଉଭାନ ହେବାରେ ଲାଗିଲେଣି। ଜଳବାୟୁ ପରିବର୍ତ୍ତନ ଓ ଆଧୁନିକୀକରଣ ପାଇଁ ପକ୍ଷୀମାନେ ଜଙ୍ଗଲ ମୁହାଁ ହେବାରେ ଲାଗିଛନ୍ତି। ଯାହାକୁ ନେଇ ପକ୍ଷୀ ବିଶେଷଜ୍ଞଙ୍କ ସମେତ ପକ୍ଷୀ ପ୍ରେମୀମାନେ ଚିନ୍ତା ପ୍ରକଟ କରିଛନ୍ତି।

ରାଜଧାନୀରେ ପୂର୍ବରୁ କାଉ, କୋଇଲି, ଘରଚଟିଆ, ବଣି ପରି ଅନେକ ପକ୍ଷୀଙ୍କୁ ଦେଖିବାକୁ ମିଳୁଥିଲା ହେଲେ ଏବେ ସହରର ପ୍ରମୁଖ ଅଞ୍ଚଳ କୁହାଯାଉଥିବା ସହିଦ ନଗର, ମଞ୍ଚେଶ୍ୱର, ରସୁଲଗଡ଼, ଷ୍ଟେସନ ବଜାର, ଲକ୍ଷ୍ମୀ ସାଗର ଆଦି ଅଞ୍ଚଳରୁ ପକ୍ଷୀମାନଙ୍କୁ ଦେଖିବାକୁ ମିଳୁନାହିଁ। ଏକାମ୍ର କାନନ, ପୁରୁଣା ଭୁବନେଶ୍ୱର, ଚନ୍ଦକା, ଖଣ୍ଡଗିରି, ନନ୍ଦନକାନନ ଆଦି ଅଞ୍ଚଳରେ କିଛି ମାତ୍ରାରେ ପକ୍ଷୀମାନେ ଦେଖାଯାଉଛନ୍ତି ବୋଲି ପକ୍ଷୀ ବିଶେଷଜ୍ଞମାନେ ଅନୁଧ୍ୟାନ କରି ଜାଣିବାକୁ ପାଇଛନ୍ତି। ସହରୀକରଣର ଧୂଳି, ଧୂଆଁ, ବଡ଼ ବଡ଼ ଉଚ୍ଚ ଅଟ୍ଟାଳିକା, ମୋବାଇଲ ଟାୱାର ଆଦି ନିର୍ମାଣ ହେବା କାରଣରୁ ଅଧା ସହରରୁ ପକ୍ଷୀମାନେ କ୍ରମେ ଉଭାନ ହେବାକୁ ଲାଗିଲେଣି। ଏଥିସହିତ ଏବେ ଦିନକୁ ଦିନ ବଡ଼ ବଡ଼ ଅଟ୍ଟାଳିକାକୁ ଦିନରାତି ତିଆରି ହେବା କାରଣରୁ ବହୁତ ମାତ୍ରାରେ ଧୂଳି ଉଡୁଛି। ଫଳରେ ଅନେକ ପକ୍ଷୀ ଏହି ଧୂଳିର ଶିକାର ହେଉଛନ୍ତି। ଏଥିସହିତ ଗାଡ଼ି ମଟର ସହ ଗାଡ଼ି ମଟରରୁ ବାହାରୁ ଥିବା ଧୂଆଁ ସହ କଳକାରଖାନାରୁ ବାହାରୁ ଥିବା ବିଷାକ୍ତ ଧୂଆଁରେ ପକ୍ଷୀମାନେ ଅଣନିଶ୍ୱାସୀ ହୋଇପଡୁଥିବା ବେଳେ ସହରରୁ ଏବେ ଅନେକ ସ୍ଥାନରେ ଗଛ ଉଭାନ ହୋଇଯାଇଛି। ଫଳରେ ପକ୍ଷୀମାନେ ବସାବାନ୍ଧିପାରୁ ନାହାନ୍ତି। ଏହିପରି ମଧ୍ୟ ବଡ଼ ବଡ଼ ସୈାଧ ଦିନ ରାତି ନିର୍ମାଣ ହେଉଥିବାରୁ ଏହାର ଶବ୍ଦରେ ପକ୍ଷୀମାନେ ଆକ୍ରାମାକ୍ରା ହୋଇ ସହର ଛାଡୁଛନ୍ତି।





ଦୁଇ ଦଶନ୍ଧୀ ପୂର୍ବରୁ ବଡ଼ ଅଟ୍ଟାଳିକା କହିଲେ ଲୋକେ ୯ ତାଲାକୁ ବୁଝାଉଥିଲା। ସେତେବେଳେ ଏତେ ବଡ଼ ଅଟ୍ଟାଳିକା ନ ଥିଲା। ହେଲେ ଏବେ ସହର ସାରା ବଡ଼ ବଡ଼ ଅଟ୍ଟାଳିକା ତିଆରି ହେବା ସହ ବର୍ତ୍ତମାନ ମଧ୍ୟ ଅନେକ ଅଟ୍ଟାଳିକା ନିର୍ମାଣାଧୀନ ଅଛି। ଯେଉଁଥିପାଇଁ ଅନେକ ଗଛ ବଳି ପଡ଼ି ଯାଇଛନ୍ତି। ତତ୍ ସହିତ ପାର୍କମାନଙ୍କରେ ଯେତିକି ମଧ୍ୟ ଗଛ ରହିଛି ସେସବୁ ଗଛ ସହ ପତ୍ର ମଧ୍ୟ ପ୍ରଦୂଷିତ ହୋଇ ରହିଛି। ଫଳରେ ଏହି ପ୍ରଦୂଷିତ ଗଛରେ ନା ପୋକ ନା ପକ୍ଷୀ କେହିବି ବାସ କରିବେ ନାହିଁ। ଯେଉଁଥି ପାଇଁ ପୂର୍ବରୁ ଯେତେକି ପକ୍ଷୀ ଦେଖା ଯାଉଥିଲେ ଏବେ ସହର ଭିତରେ ସେତେ ପକ୍ଷୀ ଦେଖାଯାଉନାହାନ୍ତି ବୋଲି ପକ୍ଷୀ ବିଶେଷଜ୍ଞ ପ୍ରମୋଦ କୁମାର ଧଳ କହିଛନ୍ତି।

ପକ୍ଷୀପ୍ରେମୀ ଛାତ୍ର ସ୍ୱାଗତ ସାହୁ କୁହନ୍ତି ସେ ପୂର୍ବରୁ ଛାତ ଉପରେ ସକାଳ ହେବା ମାତ୍ରେ ପକ୍ଷୀମାନଙ୍କ ପାଇଁ ଖାଦ୍ୟ ରଖୁଥିଲେ ହେଲେ ଏବେ ଖାଦ୍ୟ ରଖିଲେ ମଧ୍ୟ ପକ୍ଷୀମାନେ ଖାଇବାକୁ ଆସୁନାହାନ୍ତି ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ପକ୍ଷୀମାନଙ୍କୁ ଖାଇବାକୁ ଦେବା ପାଇଁ ସେ ଏବେ ବିନ୍ଦୁସାଗରପାଖକୁ ଯାଉଛନ୍ତି ବୋଲି ସେ କହିଛନ୍ତି।





# ଭୁବନେଶ୍ୱର ସିଟି

## ଓଡ଼ିଶୀ ନୃତ୍ୟ ଆଧାରିତ ଚିତ୍ରକଳା ଏବଂ ଫଟୋ ପ୍ରଦର୍ଶନୀ

### ● 'ଲେଟ୍ ଏ ଥାଉଜେଣ୍ଡ ଫ୍ଲାୱାର୍ସ ବ୍ଲୁମ୍'



ଭୁବନେଶ୍ୱର, ୬।୩(ସମିସ): କେତକୀ ଫାଉଣ୍ଡେସନ ଟ୍ରଷ୍ଟ ଏବଂ ମାଲେସିଆର ସୂତ୍ର ଫାଉଣ୍ଡେସନ୍ ସହଯୋଗରେ ଓଡ଼ିଶୀ ନୃତ୍ୟ ଆଧାରିତ ଏକ ଚିତ୍ରାଙ୍କନ, ଚିତ୍ରକଳା ଏବଂ ଫଟୋଗ୍ରାଫି ପ୍ରଦର୍ଶନୀ 'ଲେଟ୍ ଏ ଥାଉଜେଣ୍ଡ ଫ୍ଲାୱାର୍ସ ବ୍ଲୁମ୍' ଲଳିତକଳା ଏକାଡେମୀର ଆଞ୍ଚଳିକ କେନ୍ଦ୍ର ପରିସରରେ ଉଦ୍‌ଘାଟିତ ହୋଇଛି। ଏହି ଭ୍ରାମ୍ୟମାଣ ପ୍ରଦର୍ଶନୀ ଆସନ୍ତା ୧୦ ତାରିଖ ଯାଏଁ ଚାଲିବ। ଯାହା ଚେନ୍ନାଇ ଓ ପୁଣେଠାରେ ପ୍ରଦର୍ଶିତ ହୋଇସାରିବା ପରେ ଏବେ ଭୁବନେଶ୍ୱରରେ ପହଞ୍ଚିଛି। ପରବର୍ତ୍ତୀ ସମୟରେ ଏଠାରୁ ଦିଲ୍ଲୀରେ ଯାଇ ପ୍ରଦର୍ଶିତ ହେଲା ପରେ ଶେଷରେ ମାଲେସିଆରେ ଉଦ୍‌ଯାପିତ ହେବ। ଏହି ପ୍ରଦର୍ଶନୀରେ ସମସ୍ତ କଳାକୃତି ଉଭୟ ଭାରତ ଓ ମାଲେସିଆର ଶିଳ୍ପୀ ଓ ଫଟୋଗ୍ରାଫରମାନେ ଓଡ଼ିଶୀ ନୃତ୍ୟର ଭାବ ଭଙ୍ଗୀ ଆଧାରରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ସେହିପରି ଏହି ପ୍ରଦର୍ଶନୀରେ ଓଡିଆ ଶିଳ୍ପୀ ବିରେନ୍ଦ୍ର ପାଣିଙ୍କ କୃତି 'ଦଶଅବତାର' ଫଟୋଚିତ୍ର ମଧ୍ୟ ସ୍ଥାନିତ ହୋଇଛି। ସୂତ୍ର ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ନିର୍ଦ୍ଦେଶକ ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ରାମଲି ଇବ୍ରାହିମ୍ କହିଛନ୍ତି, ଏହି ପ୍ରଦର୍ଶନୀଟି ଅଭିନୟ କଳା ଓ ଅଙ୍କନ କଳା ମଧ୍ୟରେ ଥିବା ବ୍ୟବଧାନକୁ ସଙ୍କୁଚିତ କରିବା ସହ ଅଧିକ ଲକ୍ଷ୍ୟ ହାସଲ କରିବାକୁ ସମର୍ଥ ହୋଇଛି। ଏହି ପ୍ରଚେଷ୍ଟା ଦିବଙ୍ଗତ ଓଡିଆ ଚିତ୍ରଶିଳ୍ପୀ, କଳା ଗବେଷକ ଡ. ଦିନନାଥ ପାଠୀଙ୍କ ପ୍ରତି ବିଶେଷ ଶ୍ରଦ୍ଧାଞ୍ଜଳି। ଏହି ପ୍ରଦର୍ଶନୀରେ ଭୁବନେଶ୍ୱର, ଚେନ୍ନାଇ ଓ କୁଆଲା ଲମ୍ପୁରରୁ ମୋଟ ୨୧ ଜଣ ଶିଳ୍ପୀ ଓ ଫଟୋଗ୍ରାଫର ଅଂଶଗ୍ରହଣ କରିଛନ୍ତି। ଏହି ଉଦ୍‌ଘାଟନ ଦିବସରେ ଦୁଇଟି ମୁଖ୍ୟ କାର୍ଯ୍ୟକ୍ରମ ଯଥା - ଗଞ୍ଜାମର ରାଧା ପ୍ରେମଲିଳା ଉପରେ ଆଧାରିତ ଏବଂ ସୂତ୍ର ଫାଉଣ୍ଡେସନ ଦ୍ୱାରା ପ୍ରସ୍ତୁତ ଚଳଚ୍ଚିତ୍ର 'ରାଧେ ରାଧେ' ଏବଂ ଓଡିଶୀ ନୃତ୍ୟଗୁରୁ ଗଜେନ୍ଦ୍ର ପଣ୍ଡା ଓ ତ୍ରିଧାର ଅନୁଷ୍ଠାନର ନୃତ୍ୟ ଶିଳ୍ପୀମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶିତ ହୋଇଥିଲା।

## ଇପିଏଫ୍ ପେନ୍‌ସନର୍ସ ସଙ୍ଘର କେନ୍ଦ୍ରୀୟ କାର୍ଯ୍ୟକାରିଣୀ ବୈଠକ



ଭୁବନେଶ୍ୱର, ୬।୩(ସମିସ): ସର୍ବଭାରତୀୟ ଇପିଏଫ ପେନସନର୍ସ ସଙ୍ଘର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ବୈଠକ ଶୁକ୍ରବାର ଗୋଆ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସର୍ବନିମ୍ନ ପେନସନ ୯୦୦୦ ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ କରିବାରେ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତିକୁ ଘୋର ନିନ୍ଦା କରାଯାଇଥିଲା। ପ୍ରଧାନମନ୍ତ୍ରୀ, କେନ୍ଦ୍ର ଅର୍ଥମନ୍ତ୍ରୀ, ଶ୍ରମ ମନ୍ତ୍ରୀଙ୍କୁ ଚିଠି ଲେଖି ବାରମ୍ବାର ଅନୁରୋଧ କଲାପରେ ପେନସନ ବୃଦ୍ଧିପାଇଁ କେନ୍ଦ୍ର ସରକାର ପଦକ୍ଷେପ ନ ନେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏଥିସହିତ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ମୁତାବକ ବର୍ଦ୍ଧିତ ପେନସନ ପ୍ରଦାନରେ ଅହେତୁକ ବିଳମ୍ବ ପାଇଁ ସଭାରେ ଉଦବେଗ ପ୍ରକାଶ ପାଇଥିଲା। ଏହି ସଭାରେ ଓଡ଼ିଶା ସମେତ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଞ୍ଜାବ, ରାଜସ୍ଥାନ, ଗୋଆ, ଦିଲ୍ଲୀ, କର୍ଣ୍ଣାଟକ, ଛତିଶଗଡ଼ ଭଳି ଅନେକ ରାଜ୍ୟର ଶତାଧିକ ନେତୃତ୍ୱ ଯୋଗ ଦେଇଥିଲେ। ସର୍ବନିମ୍ନ ପେନସନ ବୃଦ୍ଧିସହ ବର୍ଦ୍ଧିତ ପେନସନ ପ୍ରଦାନରେ ଉପୁଜିଥିବା ସମସ୍ୟାର ତୁରନ୍ତ ସମାଧାନ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଦେଶଭରି ତୀବ୍ରତର କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଛି। ପ୍ରକାଶ ୟେନ୍ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହିସଭାରେ କାର୍ଯ୍ୟକାରୀ ସଭାପତି ଭୀମରାଓ ଡୁଙ୍ଗରେ, ପୁଣ୍ଡିଲିକ ପାଣ୍ଡେ, ଭଗ୍ୟଧର ବ୍ରହ୍ମା, ପ୍ରଫୁଲ୍ଲ ଦାସ, ଗୁରୁମୁଖ ସିଂହ, ପ୍ରକାଶ ପାଠକ, ତୁକାରାମ ଯୋଡେ, ଚନ୍ଦ୍ରଶେଖର ପରସାଇ, ମହେଶମାଲବ୍ୟଙ୍କ ସମେତ ବିଭିନ୍ନ ରାଜ୍ୟର ପ୍ରତିନିଧିମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଗୋଆ ରାଜ୍ୟ ଶାଖାର ସଭାପତି ରମେଶ ସେଟୀ ଓ ସମ୍ପାଦକ ଦେବିଦାସ ଓଲିଙ୍କର ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥଲେ।

## ଓଡ଼ିଶା ମହିଳା କୃଷକ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୬।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଦୁଇଦିନିଆ ଓଡ଼ିଶା ମହିଳା କୃଷକ ସମ୍ମିଳନୀ-୨୦୨୬ ସିୱାଇଏସ୍‌ଡି ଅଡିଟୋରିୟମରେ ଉଦ୍‌ଘାଟିତ ହୋଇଯାଇଛି। ଏନସିଏନଏଫ ତରଫରୁ ଆୟୋଜିତ ଏହି ମହିଳା କୃଷକ ସମ୍ମିଳନୀକୁ କୃଷି ଏବଂ କୃଷକ କଲ୍ୟାଣ ବିଭାଗର କମିସନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ, ପଦ୍ମଶ୍ରୀ ସାରବମତୀ, ଡ. ରଇମତୀ ଘୁରିଆ, ସ୍ୱପ୍ନାଶ୍ରୀ ଷଡ଼ଙ୍ଗୀ ପ୍ରମୁଖ ଉଦ୍‌ଘାଟନ କରି କୃଷିକ୍ଷେତ୍ରରେ ମହିଳାଙ୍କ ବିଶେଷ ଯୋଗଦାନ ଏବଂ ପ୍ରାକୃତିକ କୃଷିକୁ ବ୍ୟାପକ କରିବା ନିମନ୍ତେ ମହିଳା କୃଷକଙ୍କ ଚିରନ୍ତନ ଉଦ୍ୟମକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ସଚିନ ରାମଚନ୍ଦ୍ର ଯାଦବ କହିଥିଲେ, ଓଡ଼ିଶାର କୃଷିକ୍ଷେତ୍ରରେ ମହିଳା କୃଷକଙ୍କର ଅଗ୍ରଣୀ ଭୂମିକା ରହିଆସିଛି ଏବଂ ପ୍ରାକୃତିକ କୃଷି ଦ୍ୱାରା ମୃତ୍ତିକାର ଉର୍ବରତା ବଢ଼ାଇବା ସହ ବିଭିଦତା ରକ୍ଷା କରାଯାଇପାରିବ ଏବଂ ସର୍ବୋପରି ସମସ୍ତଙ୍କର ସ୍ୱାସ୍ଥ୍ୟର ସୁରକ୍ଷା କରାଯାଇ ପାରିବ। ଆଗାମୀ ଦିନରେ ଏନସିଏନଏଫ ଏବଂ କୃଷି ଏବଂ କୃଷକ କଲ୍ୟାଣ ବିଭାଗ ସହଯୋଗରେ ପ୍ରାକୃତିକ କୃଷି ଉତ୍ପାଦ ତଥା ବଜାର ବ୍ୟବସ୍ଥା ଉପରେ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରାଯିବାର ଯୋଜନା ରହିଥିବା ସେ କହିଛନ୍ତି। ଏହି ଅବସରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାକୃତିକ କୃଷିରେ ନିପୁଣ ଥିବା ୬୦ଜଣ ମହିଳା କୃଷକ,



ମହିଳା ପଞ୍ଚାୟତ ପ୍ରତିନିଧି, ସମ୍ପ୍ରସାରଣ କର୍ମୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜେଣ୍ଡର ଏକ୍ସପର୍ଟ ବିଶାଖା ଭଞ୍ଜ କୃଷକର ମାନ୍ୟତା ନିମନ୍ତେ ଦୀର୍ଘଦିନ ଧରି ମହିଳାଙ୍କ ଉଦ୍ୟମ ବିଷୟରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସ୍ୱପ୍ନା ଷଡ଼ଙ୍ଗୀ ସଞ୍ଚାଳନ କରିଥିବା ବେଳେ ଶରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ୪ଟି ପର୍ଯ୍ୟାୟରେ ଚର୍ଚ୍ଚା, ନୀତି ନିର୍ଦ୍ଧାରଣ ନିମନ୍ତେ ମାର୍ଗଦର୍ଶିକା ପ୍ରସ୍ତୁତି ନିମନ୍ତେ ନକ୍ସା ପ୍ରସ୍ତୁତ କରାଯାଇଥିଲା।

## 'ଆଫା'ର ପୋଷ୍ଟର ଓ ଅଡିଓ ରିଲିଜ୍

ଭୁବନେଶ୍ୱର, ୬।୩(ସମିସ): ଓଡ଼ିଆ ଚଳଚ୍ଚିତ୍ର 'ଆଫା'ର ପୋଷ୍ଟର ଓ ଅଡିଓ ରିଲିଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଇଷ୍ଟିକ୍ କ୍ଲାଓ କ୍ଲାପସ୍ ଦ୍ୱାରା ପ୍ରସ୍ତୁତ ଏହି ଫିଲ୍ମର ନିର୍ଦ୍ଦେଶନା ଅଭିନେତା ପ୍ରୀତିରାଜ ଶତପଥୀ ଦେଇଥିବା ବେଳେ ପ୍ରଯୋଜନା ଦାୟିତ୍ୱରେ ରହିଛନ୍ତି ପ୍ରୀତିରାଜଙ୍କ ସହ ନୈନା ପାଦ ତିୱାରୀ ଏବଂ ସହ ପ୍ରଯୋଜନାରେ ସିଦ୍ଧାର୍ଥ ତିୱାରୀ ରହିଛନ୍ତି। ଏଥିରେ ବାପୁ ଗୋସ୍ୱାମୀ ଓ ଦିବ୍ୟ କୁମାର ସାହୁ ଗୀତ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମାନନ୍ଦ ଏବଂ କଣ୍ଠଦାନ କରିଛନ୍ତି ଦିପ୍ତିରେଖା, ଶଶାଙ୍କ ଶେଖର, ଅନନ୍ୟା ଶ୍ରୀତମ୍ ନନ୍ଦ, କୁଳଦୀପ ପଟ୍ଟନାୟକ। ଏହା ଦର୍ଶକଙ୍କ ମନକୁ ସ୍ପର୍ଶ କରିବ ବୋଲି ଆଜି ପ୍ରେସ୍ କ୍ଲବ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଫିଲ୍ମର ପୁରା ଟିମ୍ ଆଶାବ୍ୟକ୍ତ କରିଛନ୍ତି। ଚଳିତ ମାର୍ଚ୍ଚ ୨୭ରେ ମୁକ୍ତିଲାଭ କରିବାକୁ ଥିବା ଏହି ଫିଲ୍ମରେ ନମୋଲ ପତି ପ୍ରଥମଥର ପାଇଁ ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ବେଳେ ବରିଷ୍ଠ ଅଭିନେତା କୁନା ତ୍ରିପାଠୀ, ପ୍ରୀତିରାଜ ସତପଥୀ, ନୈନା ଦାଶ ତିୱାରୀ, ହର ରଥ, ସିଦ୍ଧାର୍ଥ ତିୱାରୀ, ମୀରା ଝଞ୍ଜା ଦାସ, ସ୍ୱସ୍ତିକ ଚୌଧୁରୀ, ରବି ମିଶ୍ର, ଧରିତ୍ରୀ ଖଣ୍ଡୁଆଳ, ରାକେଶ କୁମାର ବାରିକ, ଶ୍ରିୟା, ଶ୍ରାବଣୀ ଓ ମିଭାନ୍ ସିଦ୍ଧାର୍ଥ ତିୱାରୀ ପ୍ରମୁଖ ଅଭିନୟ କରିଛନ୍ତି।

## ଜିନ୍ଦଲ୍ ଷ୍ଟେନଲେସର ବାର୍ଷିକ 'ଷ୍ଟେନଲେସ୍ ସ୍ୱଚ୍ଛତା ଅଭିଯାନ' ସମ୍ମିଳନୀ



ଭୁବନେଶ୍ୱର, ୬।୩(ସମିସ): ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦକ ଜିନ୍ଦଲ୍ ଷ୍ଟେନଲେସ୍‌ର ବାର୍ଷିକ 'ଷ୍ଟେନଲେସ୍ ସଚ୍ଛତା ଅଭିଯାନ' (ଏସ୍‌ଏସ୍‌ଏ) ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଯାଜପୁରର ଦାନଗଦି ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଦାନଗଦି ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ, ଯାଜପୁର ଜିନ୍ଦଲ୍ ଷ୍ଟେନଲେସ୍ ୟୁନିଟ ହେଡ୍ ଦୀପକ ଅଗ୍ରୱାଲ, ଜିଲ୍ଲା ସଚ୍ଛତା ସମନ୍ୱୟକ ମନସ ରଞ୍ଜନ ସାହାନୀ, ଦାନଗଦି ବ୍ଲକ ରିସୋର୍ସ ସମନ୍ୱୟକ ଦୀପ୍ତିମନ୍ତ୍ରୀ ମଲ୍ଲିକ, ଜିନ୍ଦଲ୍ ଷ୍ଟେନଲେସ୍ ଉପ-ମହାପ୍ରବନ୍ଧକ - ସିଏସ୍‌ଆର ସୁକାନ୍ତ କୁମାର ରଥ, ଜିନ୍ଦଲ୍ ଷ୍ଟେନଲେସ ପରିବେଶ ମୁଖ୍ୟ ମୈତ୍ରେୟୀ ଦେବ, ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେସନ୍ ପ୍ରତିଷ୍ଠାତା ଆଶିଷ ସଚଦେବ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଜିନ୍ଦଲ୍ ଷ୍ଟେନଲେସ୍, ପରିଚାଳନା ନିର୍ଦ୍ଦେଶକ, ଅଭ୍ୟୁଦୟ ଜିନ୍ଦଲ୍ କହିଛନ୍ତି ଯେ, ଜିନ୍ଦଲ୍ ଷ୍ଟେନଲେସରେ ଆମ ଚାରିପାଖରେ ଥିବା ସମୁଦାୟମାନେ ଆମ ସହିତ ବଢ଼ିବା ଆବଶ୍ୟକ। ସେହିପରି ଜିନ୍ଦଲ୍ ଷ୍ଟେନଲେସ୍, ଯାଜପୁର ୟୁନିଟ ହେଡ୍ ଦୀପକ ଅଗ୍ରୱାଲ କହିଛନ୍ତି, ସ୍ୱଚ୍ଛ ପରିବେଶ ଏବଂ ସ୍ଥାୟୀ ଅଭ୍ୟାସ ସର୍ବଦା ସମୁଦାୟର କଲ୍ୟାଣ ଏବଂ ସାର୍ବଜନୀନ ସାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆମର କାର୍ଯ୍ୟକ୍ରମ ସଚ୍ଛତା ଅଭିଯାନ ମାଧ୍ୟମରେ ଆମେ ସମୁଦାୟ ମାଲିକାନା ଏବଂ ଦୀର୍ଘସ୍ଥାୟୀ ବ୍ୟବସ୍ଥା ନିର୍ମାଣ କରିବାକୁ ପ୍ରତିବଦ୍ଧ। ଏହି ପ୍ରଚେଷ୍ଟାରେ ମହିଳା ନିର୍ଦ୍ଦେଶିତ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କର ସମ୍ପୃକ୍ତି ମୂଳଭିତି ସ୍ତରରେ ପରିବର୍ତ୍ତନ ଚାଳନା କରିବାରେ ସହାୟକ ହୋଇଛି। ଏହି ସମିଳନୀ ହେଉଛି ଜିନ୍ଦଲ୍ ଷ୍ଟେନଲେସର ସିଏସ୍‌ଆର୍ କାର୍ଯ୍ୟକ୍ରମର ଷ୍ଟେନଲେସ୍ ସଚ୍ଛତା ଅଭିଯାନର ଏକ ବିସ୍ତାର। ଯାହା ଭାରତ ସରକାରର ସଚ୍ଛ ଭାରତ ମିଶନ୍ ସହିତ ସମନ୍ୱିତ ଏବଂ ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେସନ୍ ସହିତ ସହଯୋଗରେ କାର୍ଯ୍ୟାନ୍ୱିତ।

## ଜାତୀୟ ସୁରକ୍ଷା ମାସ ପାଳନ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା

ଭୁବନେଶ୍ୱର, ୬।୩(ସମିସ): ଯୁବ ଛାତ୍ରମାନଙ୍କ ମଧ୍ୟରେ ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ ସମାଜରେ ନିରାପଦ ଅଭ୍ୟାସଗୁଡ଼ିକୁ ଆପଣାଇବାକୁ ପ୍ରବର୍ତ୍ତାଇବା ଉଦ୍ଦେଶ୍ୟରେ ଜାତୀୟ ସୁରକ୍ଷା ସପ୍ତାହ ଓ ମାସ ପାଳନ କରାଯାଉଛି। ଏହି ଅବସରରେ 'ସୁରକ୍ଷା ସଚେତନତା ବୃଦ୍ଧି ପାଇଁ ସହଭାଗିତା ଏବଂ ସଶକ୍ତୀକରଣ' ଶୀର୍ଷକରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗେଲ ଇଣ୍ଡିଆ ଲିମିଟେଡ୍ ସିଜିଡି ଭୁବନେଶ୍ୱର ଏବଂ କଟକ ଆନୁକୂଲ୍ୟରେ ଡମଣା ସରକାରୀ ହାଇସ୍କୁଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସଡ଼କ ସୁରକ୍ଷା, ଅଗ୍ନି ନିରାପତ୍ତା ଏବଂ ଦୈନନ୍ଦିନ ଜୀବନରେ ସୁରକ୍ଷା ଭଳି ବିଷୟକୁ ରଙ୍ଗତୁଳୀ କାନଭାସ୍‌ରେ ଦର୍ଶାଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ ଏବଂ ସିଜିଡିର ଡିଜିଏମ ଅମିତାଭ ଘୋରାଇ ଏବଂ ବରିଷ୍ଠ ଅଧିକାରୀ (ଅଗ୍ନି ଏବଂ ସୁରକ୍ଷା) ବୋମନା ଅନିରୁଦ୍ଧ ପ୍ରମୁଖ ଉପସ୍ଥିତି ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଗେଲ (ଇଣ୍ଡିଆ) ଲିମିଟେଡ୍ ସିଜିଡି ଭୁବନେଶ୍ୱରର ବରିଷ୍ଠ ଅଧିକାରୀ ଜେଫ୍ ଲୋପେଜ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପ୍ରସନ୍ନ କୁମାର ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୬।୩(ସମିସ): କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ ରୂପକାର ତଥା ମାମା ଚିତ୍ରାଳୟର ପ୍ରତିଷ୍ଠାତା ପ୍ରସନ୍ନ କୁମାର ଶତପଥୀଙ୍କ ସ୍ମୃତିରେ ଏକ ଶୋକସଭା ଶତାବ୍ଦୀର କଳାକାର ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଛି। ଏହି ସଭାରେ ଅନୁଷ୍ଠାନର ସଭାପତି ଧୀର ମଲ୍ଲିକ, ସମ୍ପାଦକ ସତ୍ୟ ଜେନା, ମୁକୁନ୍ଦ ଶତପଥୀ, ପ୍ରଦୀପ ବିଶ୍ୱାଳ, ହୃଷୀକେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ ପ୍ରସନ୍ନ କୁମାର ଶତପଥୀଙ୍କ ଗତକାଲି ଆକସ୍ମିକ ଦେହାନ୍ତ ହୋଇଯାଇଛି। ତାଙ୍କ ଦେହାନ୍ତରେ ଓଡ଼ିଶା ନାଟ୍ୟକର୍ମୀମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## ପରିଚୟ ଫାଉଣ୍ଡେସନର ଆରିୟା ସମ୍ମାନ



ନନ୍ଦନକାନନ, ୬।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ପରିଚୟ ଫାଉଣ୍ଡେସନ ପକ୍ଷରୁ ଆରିୟା ସମ୍ମାନ-୨୦୨୬ ର ୧୪ତମ ସଂସ୍କରଣ ଭୁବନେଶ୍ୱରର ମେଫେୟାର କନଭେନସନ ସେଣ୍ଟରରେ ଆୟୋଜିତ ହୋଇଯାଇଛି। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ଦେଖାଇଥିବା ପ୍ରେରଣାଦାୟକ ବ୍ୟକ୍ତିତ୍ୱମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ପଦ୍ମ ବିଭୂଷଣ ପଣ୍ଡିତ ହରି ପ୍ରସାଦ ଚୌରାସିଆ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ପୂର୍ବତନ ରାଜ୍ୟସଭା ସାଂସଦ ପ୍ରଶାନ୍ତ ନନ୍ଦ, ରୁଚି ଫାଉଣ୍ଡେସନର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ରଶ୍ମି ସାହୁ ଓ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିଲେ।

ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଓଡ଼ିଶାର ହସ୍ତଶିଳ୍ପ ଓ ପାରମ୍ପରିକ ପୋଷାକର ଐତିହ୍ୟକୁ ସୁନ୍ଦର ଭାବେ ପ୍ରଦର୍ଶନ କରାଯାଇଥିଲା। ଏହା ମାଧ୍ୟମରେ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ସହିତ ଓଡ଼ିଶାର ସଂସ୍କୃତି, ପରମ୍ପରା ଓ କଳାକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇବାର ପ୍ରୟାସ କରାଯାଇଥିଲା। ପରିଚୟ ଫାଉଣ୍ଡେସନର ପ୍ରତିଷ୍ଠାତା ସଭାନେତ୍ରୀ ଡା. ରୋଜାଲିନ ପାଟ୍ଟଶାଣି ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ କୋଲକାତା, ଭୁବନେଶ୍ୱର ଓ ନୂଆଦିଲ୍ଲୀ ଆଦି ଦେଶର ତିନୋଟି ସହରରେ ତିନିଦିନ ବ୍ୟାପୀ ଆୟୋଜିତ କରାଯାଇଛି ବୋଲି ପରିଚୟ ଫାଉଣ୍ଡେସନ ତରଫରୁ କୁହାଯାଇଛି।

## ଟିପିସିଓଡିଏଲ୍ ପକ୍ଷରୁ 'ଲାଇନ୍‌ମ୍ୟାନ୍ ଦିବସ'

ଭୁବନେଶ୍ୱର, ୬।୩(ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ଫ୍ରଣ୍ଟଲାଇନ କର୍ମଚାରୀଙ୍କ ନିଷ୍ଠା, ସାହସିକତା ଓ ସେବାକୁ ସମ୍ମାନ ଜଣାଇ 'ଲାଇନ୍‌ମ୍ୟାନ୍ ଦିବସ' ପାଳନ କରାଯାଇଛି। ଏହି ଅବସରରେ କମ୍ପାନୀର ସେବା ପାଳିତ ହେବ। କମ୍ପାନୀର ସମସ୍ତ ସେକ୍ସନ, ଡିଭିଜନ, ଏମଆରଟି ଏବଂ କର୍ପୋରେଟ୍ ଅଫିସ୍ ସମେତ ମୋଟ ୨୫୯ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ଡିଭିଜନରୁ ଆସିଥିବା ଲାଇନ୍‌ମ୍ୟାନ୍‌ମାନେ ଅତ୍ୟନ୍ତ ଉତ୍ସାହର ସହ ସାମିଲ ହୋଇଥିଲେ। ବିଦ୍ୟୁତ୍ ସେବାକୁ ସୁନିଶ୍ଚିତ



ଯୋଗାଣ କ୍ଷେତ୍ରରେ ୫୫ତମ ଜାତୀୟ ସୁରକ୍ଷା ଦିବସର ଉଦଘାଟନ ସହ 'ଜାତୀୟ ସୁରକ୍ଷା ମାସ'ର ଶୁଭାରମ୍ଭ କରାଯାଇଛି। ସୁରକ୍ଷାକୁ ଦୈନନ୍ଦିନ କାର୍ଯ୍ୟ ଏବଂ ସଂସ୍କୃତିର ଅଭିନ୍ନ ଅଙ୍ଗ କରିବା ଲକ୍ଷ୍ୟରେ ୪ ମାର୍ଚ୍ଚରୁ ୩ ଏପ୍ରିଲ ପର୍ଯ୍ୟନ୍ତ ଏହି ସୁରକ୍ଷା ମାସ ଓ ଭରସାଯୋଗ୍ୟ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ଏଠାରେ ସ୍ୱୀକୃତି ଦିଆଯାଇଥିଲା। ବିଶେଷ କରି କର୍ତ୍ତବ୍ୟ ପ୍ରତି ଅତୁଟ ନିଷ୍ଠା ଓ ସମର୍ପଣ ପାଇଁ ୫ ଜଣ ଲାଇନ୍‌ମ୍ୟାନ୍‌ଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ମହିଳା ଆୟୋଗ ଦ୍ୱାରା ଜନଶୁଣାଣି କାର୍ଯ୍ୟକ୍ରମ

ଭୁବନେଶ୍ୱର, ୬।୩(ସମିସ): ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଏକ ଜନ ଶୁଣାଣି କାର୍ଯ୍ୟକ୍ରମ ସ୍ଥାନୀୟ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳର ସମୁଦାୟ ୮୬ ମାମଲାରେ ପକ୍ଷମାନଙ୍କୁ ନୋଟିସ୍ ଜାରି ହୋଇଥିବା ବେଳେ ସେଥିମଧ୍ୟରୁ ମୋଟ୍ ୪୫ ମାମଲାର ସମାଧାନ ପାଇଁ ବ୍ୟବସ୍ଥାମାନ ଗ୍ରହଣ କରାଯାଇଥିଲା। ପୂର୍ବରୁ ବିଭିନ୍ନ ସମୟରେ ୧୫୦ଟି ମାମଲାରେ ଖୋର୍ଦ୍ଧା ଜିଲ୍ଲାର ପୋଲିସ କର୍ତ୍ତୃପକ୍ଷ, ଜିଲ୍ଲା ସୁରକ୍ଷା ଅଧିକାରୀ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଇତ୍ୟାଦି କର୍ତ୍ତୃପକ୍ଷଙ୍କୁ ଉକ୍ତ ମାମଲା ଗୁଡିକର ତଦନ୍ତ କରି ରିପୋର୍ଟ ଦାଖଲ ସହ ଆଇନ ସେବା ଯୋଗାଇ ଦେବାକୁ ଆୟୋଗ ତରଫରୁ ସୁପାରିଶ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ୬ ଗୋଟି ନୂତନ ମାମଲାର ପଞ୍ଜୀକରଣ ହୋଇଥିଲା। ମହିଳା ଆୟୋଗର ଅଧକ୍ଷା ଶୋଭନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଜନ ଶୁଣାଣି କାର୍ଯ୍ୟକ୍ରମରେ ଆୟୋଗର ଆବାହକ ସଚିବ ବିବେକାନନ୍ଦ ସାହୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସୁରକ୍ଷା ଅଧିକାରୀ ଦେବକୀ ସାହୁ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଦିପ୍ତିମୟୀ ପଣ୍ଡା, ସଖୀ-ୱାନ ଷ୍ଟପ୍ କେନ୍ଦ୍ରର ଶ୍ରୀମାନ୍ତି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




## ୧୨ ଜଣ ମହିଳାଙ୍କୁ ଜୟଦେବ ନାରୀ ଶକ୍ତି ସମ୍ମାନ

ବାଲିପାଟଣା, ୬।୩(ସମିସ): ବାଲିପାଟଣା ବ୍ଲକ ଅନ୍ତର୍ଗତ ଶିଶୁ ଅନନ୍ତ ପୀଠ ଠାରେ ଏକ ଭବ୍ୟ ସାରସ୍ୱତ ସମାରୋହରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି! ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାବାନ ମହିଳାମାନଙ୍କୁ 'ଜୟଦେବ ନାରୀ ଶକ୍ତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ନିର୍ଭିକ ଖବର, ଅରବିନ୍ଦ ୟୁଥ୍ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଓ ଦକ୍ଷା ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇ ନାରୀ ଶକ୍ତିର ଜୟଗାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡଃ ଅରବିନ୍ଦ ଢ଼ାଲି ଯୋଗଦେଇଥିବା ବେଳେ ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ ମହିଳା ମୋର୍ଚ୍ଚାର ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ବିଜେପିର ବରିଷ୍ଠ ନେତ୍ରୀ ରଶ୍ମି ମହାପାତ୍ର ସମ୍ମାନିତ ଅତିଥି ରୂପେ କଳିଙ୍ଗ ଟିଭିର ସହ ସମ୍ପାଦିକା ସୌମ୍ୟା ପରିଡ଼ା, ନିର୍ଭିକ ଖବରର ସମ୍ପାଦକ ଆଶୁତୋଷ ଚୌଧୁରୀ, ଶିଶୁ ସାହିତ୍ୟିକ ତନୟା ଶିଶୁ ଗୋସ୍ୱାମୀ, ଦକ୍ଷା ଫାଉଣ୍ଡେସନର ସମ୍ପାଦକ ସୁଲୋଚନା ମହାନ୍ତି, ସଭାପତି ବିଜୟଲକ୍ଷ୍ମୀ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ମହିଳାମାନେ ସ୍ୱାବଲମ୍ବୀ ହେବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କୃଷି ସମାଜସେବା, କଳା, ସାହିତ୍ୟ, ରାଜନୀତି ଏବଂ ପ୍ରଶାସନିକ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପ୍ରାୟ ୧୨ ଜଣ ମହିଳାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଜୟଦେବ ନାରୀ ଶକ୍ତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦୀନବନ୍ଧୁ



ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଳୟ କୁମାର ଦାସ, ସୁରେଶ ବେହେରା, ଗୋପାଳ ବେହେରା, ଦୀପକ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୧.୬୧ • ପାଉଣ୍ଡ ୧୨୨.୬୪
- ୟୁରୋ ୧୦୬.୫୦ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୪୮,୦୦୦ (ନୂଆଦିଲ୍ଲୀ)
- ରୁପା : ୨,୮୪,୯୯୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୮,୯୧୮.୦୦
- ନିଫ୍ଟି ୨୪,୪୫୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଯୁଦ୍ଧ ବଢ଼ାଉଛି ଆର୍ଥିକ ଅସ୍ଥିରତା

## ରନ୍ଧନ ଗ୍ୟାସ୍ ସଙ୍କଟ ଆଶଙ୍କା

### ତେଲ କମ୍ପାନୀଙ୍କୁ ଏଲ୍‌ପିଜି ଉତ୍ପାଦନ ବୃଦ୍ଧି ନିର୍ଦ୍ଦେଶ

ନୂଆଦିଲ୍ଲୀ,୬।୩(ଏଜେନ୍ସି): ତୀବ୍ର ହେଲାଣି ଆମେରିକା-ଇସ୍ରାଏଲ-ଇରାନ ଯୁଦ୍ଧ। ଯଦି ଏହି ଯୁଦ୍ଧ ଆହୁରି ଭୟଙ୍କର ରୂପ ନିଏ ତେବେ ଭାରତରେ ରନ୍ଧନ ଗ୍ୟାସର ଅଭାବ ଦେଖାଦେଇପାରେ। ତେଣୁ ବର୍ତ୍ତମାନର ଇରାନ୍ ଯୁଦ୍ଧ ପରିସ୍ଥିତିରେ କେନ୍ଦ୍ର ସରକାରଙ୍କୁ ତେଲ ଅପେକ୍ଷା ରନ୍ଧନ ଗ୍ୟାସ୍ ଚିନ୍ତା ଘାରିଲାଣି। କାରଣ ଯୁଦ୍ଧ ମଧ୍ୟରେ ଇରାନ୍ ହରମୁଜ୍ ପ୍ରଣାଳୀ ବନ୍ଦ କରିଦେଇଛି। ଇନ୍ଧନ ଗ୍ୟାସ ଅଭାବକୁ ଏଡ଼ାଇବା ପାଇଁ ଜରୁରୀକାଳୀନ କ୍ଷମତା ବ୍ୟବହାର କରି ସରକାର ତୈଳ ବିଶୋଧନାଗାରଗୁଡ଼ିକୁ ଏଲ୍‌ପିଜି ଉତ୍ପାଦନ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ଅଶୋଧିତ ତୈଳ ଅଭାବ ଯୋଗୁ ମାଙ୍ଗାଲୋର ରିଫାଇନେରୀ ଆଣ୍ଡ ପେଟ୍ରୋକେମିକାଲ୍ସ ଲିମିଟେଡ୍ (ଏମଆରପିଏଲ) ବନ୍ଦ ହୋଇଯାଇଥିବା ନେଇ ଖବର ପ୍ରସାରିତ ହୋଇଛି। ହେଲେ ସରକାରଙ୍କ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି।



ରଏଟର୍ସ ରିପୋର୍ଟ ଅନୁଯାୟୀ, ମଧ୍ୟପ୍ରାଚ୍ୟରେ ବଢ଼ୁଥିବା ଉତ୍ତେଜନା ଗ୍ୟାସ ଯୋଗାଣକୁ ପ୍ରଭାବିତ କରିପାରେ। କାରଣ ଏଥିରେ ଭାରତ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଉଛି ହରମୁଜ୍ ପ୍ରଣାଳୀ ବନ୍ଦ। ଏହି ୧୬୭ କିମିର ଲମ୍ବା ଜଳପଥ ପାରସ୍ୟ ଉପସାଗରକୁ ଆରବ ସାଗର ସହିତ ସଂଯୋଗ କରେ। ଇରାନ ଯୁଦ୍ଧ ଯୋଗୁଁ ଏହି ପଥ ଆଉ ସୁରକ୍ଷିତନୁହେଁ। ବିପଦ ଯୋଗୁଁ କୌଣସି ତେଲ ଟ୍ୟାଙ୍କର ଏହା ମଧ୍ୟ ଦେଇ ଯାଉନାହିଁ। ବିଶ୍ୱର ପେଟ୍ରୋଲିୟମର ୨୦% ଏହି ପଥ ଦେଇ ଯାଇଥାଏ। ସାଉଦି ଆରବ, ଇରାକ ଏବଂ କୁଏତ୍ ଭଳି ଦେଶ ମଧ୍ୟ ସେମାନଙ୍କର ରପ୍ତାନି ପାଇଁ ଏହା ଉପରେ ନିର୍ଭରୀଳ। ଅପରପକ୍ଷେ ଭାରତ ଏହାର ୫୦% ଅଶୋଧିତ ତେଲ ଏବଂ ୫୪% ଏଲଏନଜି ଆବଶ୍ୟକତା ଏହି ପଥ ଦେଇ ଆମଦାନୀ କରିଥାଏ। ଇରାନ ମଧ୍ୟ ନିଜେ ଏହି ରୁଟ୍ ଦେଇ ରପ୍ତାନି କରେ। ଇରାନ ଡ୍ରୋନ୍ ଆକ୍ରମଣ ପରେ ଭାରତର ସବୁଠାରୁ ବଡ଼ ଗ୍ୟାସ ଯୋଗାଣକାରୀ କତାର ତା'ର ଏଲ୍‌ଏନ୍‌ଜି ପ୍ଲାଣ୍ଟରେ ଉତ୍ପାଦନ ବନ୍ଦ କରିଦେଇଛି। ଫଳରେ ଭାରତକୁ ଗ୍ୟାସ ଯୋଗାଣ ହ୍ରାସ ପାଇଛି। ଭାରତ ଏହାର ଏଲ୍‌ଏନ୍‌ଜି ଆବଶ୍ୟକତାର ୪୦% (ବାର୍ଷିକ ପ୍ରାୟ ୨୭ ନିୟୁତ ଟନ୍) କତାରରୁ ଆମଦାନୀ କରେ। ଅପରପକ୍ଷେ ସିଏନ୍‌ଜି କମ୍ପାନୀଗୁଡ଼ିକ ସରକାରଙ୍କୁ ଚିଠି ଲେଖି ସମ୍ଭାବ୍ୟ ସଙ୍କଟ ନେଇ ଚେତାବନୀ ଦେଇଛନ୍ତି। ଗ୍ୟାସ ଅଭାବକୁ ଦୃଷ୍ଟିରେ ରଖି, ସିଜିଡି ସଂସ୍ଥାଗୁଡ଼ିକର ସଂଘ (ଏସିଇ) ସରକାରୀ କମ୍ପାନୀ ଗେଲ୍‌କୁ ଚିଠି ଲେଖିଛନ୍ତି। କମ୍ପାନୀଗୁଡ଼ିକ କହିଛନ୍ତି ଯେ ଯଦି କାତାରରୁ ଶସ୍ତା ଗ୍ୟାସ୍ ଉପଲବ୍ଧ ନ ହୁଏ, ତେବେ ସେମାନଙ୍କୁ ସ୍ପଟ୍ ମାର୍କେଟରୁ ମହଙ୍ଗା ଗ୍ୟାସ୍ କିଣିବାକୁ ପଡିବ। ସ୍ପଟ୍ ମାର୍କେଟରେ ଗ୍ୟାସ୍ ମୂଲ୍ୟ ବର୍ତ୍ତମାନ ୟୁନିଟ୍ ପିଛା ୨୫ ଡଲାରରେ ପହଞ୍ଚିଛି, ଯାହା କଣ୍ଟ୍ରାକ୍ଟ ଗ୍ୟାସ୍ ମୂଲ୍ୟଠାରୁ ଦୁଇଗୁଣ ବି ଅଧିକ।

ତେବେ ସରକାର ସ୍ପଷ୍ଟ କରିଛନ୍ତି ଯେ ଏଭଳି ସ୍ଥିତିରେ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। ଭାରତ କେବଳ ହରମୁଜ୍ ରୁଟ୍ ଉପରେ ନିର୍ଭରଶୀଳ ନୁହେଁ। ଭାରତ ଏବେ ରୁଷରୁ ଏହାର ଆବଶ୍ୟକତାର ୨୦% (ଫେବୃଆରୀରେ ଦୈନିକ ୧.୦୪ ନିୟୁତ ବ୍ୟାରେଲ) ଆମଦାନୀ କରୁଛି, ଯାହା ହରମୁଜ୍ ରୁଟ୍ ଉପରେ ନିର୍ଭରଶୀଳତାକୁ ହ୍ରାସ କରୁଛି।

**ମାଲ ପରିବହନ ଖର୍ଚ୍ଚରେ ବୃଦ୍ଧି**

## ଭାରତୀୟ ଔଷଧ ରପ୍ତାନିକାରୀଙ୍କୁ ୫ ହଜାର କୋଟିର ଝଟ୍‌କା

ନୂଆଦିଲ୍ଲୀ, ୬।୩ (ଏଜେନ୍ସି): ଆମେରିକା-ଇସ୍ରାଏଲ ଏବଂ ଇରାନ ଯୁଦ୍ଧରେ ଭାରତର ବାଣିଜ୍ୟ କ୍ଷେତ୍ର ଭୟଙ୍କର ଭାବେ ପ୍ରଭାବିତ ହୋଇଛି। ଏଥିଯୋଗୁ ଇନ୍ଧନଠାରୁ ଆରମ୍ଭ କରି, ଖାଦ୍ୟ ଶସ୍ୟ, କପଡ଼ା, ରନ୍ଧନ ଗ୍ୟାସ, ଅନ୍ୟାନ୍ୟ ଖଣିଜ ଆମଦାନୀ ଓ ରପ୍ତାନୀରେ ସମସ୍ୟା ସୃଷ୍ଟି ହୋଇଛି। ଏବେ ଯୁଦ୍ଧ ଯୋଗୁ ଔଷଧ କ୍ଷେତ୍ର ବି ପ୍ରଭାବିତ ହେଲାଣି। ଔଷଧରେ ମାଲ ପରିବହନ ଦର ଦ୍ୱିଗୁଣିତ ହୋଇଯାଇଛି। ମାର୍ଚ୍ଚ ମାସରେ କେବଳ ପଶ୍ଚିମ ଏସିଆକୁ ଔଷଧ ରପ୍ତାନୀ ସମ୍ପୂର୍ଣ୍ଣ ବନ୍ଦ ହେବା ଦ୍ୱାରା ରପ୍ତାନିକାରୀଙ୍କୁ ପ୍ରାୟ ୫୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତି ପହଞ୍ଚିଥିବା ଫାର୍ମାସ୍ୟୁଟିକାଲ୍ସ ଏକ୍ସପୋର୍ଟ ପ୍ରମୋସନ୍ କାଉନସିଲ୍ ଅଫ୍ ଇଣ୍ଡିଆ (ଫାର୍ମେକ୍ସିଲ୍) ଚେତାବନୀ ଦେଇଛି।

ରପ୍ତାନିକାରୀମାନେ ପ୍ରତି ରପ୍ତାନୀ ଜାହାଜ ପାଇଁ ୪,୦୦୦ ରୁ ୮,୦୦୦ ଡଲାର ଅତ୍ୟଧିକ ସରଚାର୍ଜ ଦେଉଛନ୍ତି। ଫଳରେ ଗଲ୍ଫ ଓ ପଶ୍ଚିମ ଏସିଆର ବ୍ୟାପକ ବଜାର ଉପରେ ନିର୍ଭର କରୁଥିବା ଔଷଧ ନିର୍ମାତାମାନଙ୍କ ପାଇଁ ଲଜିଷ୍ଟିକ୍ସ ଖର୍ଚ୍ଚ ବଢ଼ି ଯାଉଛି। ଅତ୍ୟଧିକ ବୀମା ପ୍ରିମିୟମ, ଇନ୍ଧନ ବୃଦ୍ଧି ଏବଂ ଲମ୍ବା ରୁଟରେ କାର୍ଯ୍ୟକ୍ଷମ ବିଳମ୍ବ ଯୋଗୁ ଖର୍ଚ୍ଚ ବଢ଼ୁଛି। ଏହି ଅଞ୍ଚଳକୁ ଭାରତର ଔଷଧ ରପ୍ତାନି ୫.୫ ପ୍ରତିଶତରୁ ଅଧିକ (୩୦ ବିଲିୟନ ଡଲାର) ହୋଇଥାଏ। ତେଣୁ ବ୍ୟବସାୟୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି। ଫାର୍ମେକ୍ସିଲ୍ ଅଧ୍ୟକ୍ଷ ନମିତ ଜୋଶୀଙ୍କ ଅନୁଯାୟୀ, ଅଶୋଧିତ ତେଲର ଉଚ୍ଚ ମୂଲ୍ୟ ଏବଂ ଅନିଶ୍ଚିତ ପରିବହନ ସମୟ ମଧ୍ୟ ସକ୍ରିୟ ଔଷଧ ଉପାଦାନ (API) କ୍ରୟ ଖର୍ଚ୍ଚ ଏବଂ ଇନଭେଣ୍ଟରୀ ବିକୃତିକୁ ବୃଦ୍ଧି କରୁଛି। ଫଳରେ ବଡ଼ ଏବଂ ମଧ୍ୟମ ଆକାରର ଔଷଧ ରପ୍ତାନିକାରୀଙ୍କ ମଧ୍ୟରେ ୱାର୍କିଂ କ୍ୟାପିଟାଲ ସାଇକଲ ଉପରେ ଚାପ ପଡୁଛି। ତେବେ ପରିସ୍ଥିତି ଉପରେ ନିକଟରୁ ନଜର ରଖାଯାଇଛି। ସମାଧାନ ପାଇଁ ଲଜିଷ୍ଟିକ୍ସ ଏବଂ ବାଣିଜ୍ୟ ଅଂଶୀଦାରମାନଙ୍କ ସହିତ ଆଲୋଚନା ଜାରି ରହିଛି। ପଶ୍ଚିମ ଏସିଆରେ ଅତ୍ୟାବଶ୍ୟକ ଔଷଧର ନିରବଚ୍ଛିନ୍ନ ପ୍ରବେଶ ସୁନିଶ୍ଚିତ କରିବା ପାଇଁ ମାଲ ପରିବହନ ବ୍ୟବସ୍ଥା ଏବଂ ଜାହାଜ ଚଳାଚଳ ମାର୍ଗର ବିବିଧତା ସମେତ ଅଧିକ ସରକାରୀ ସମର୍ଥନ ଆବଶ୍ୟକ ପଡୁଛି ବୋଲି ପରିଷଦ କହିଛି।

## ଖିମଜୀ ଜୁଏଲର୍ସ ପକ୍ଷରୁ ସ୍ୱତନ୍ତ୍ର ହୀରା ଅଫର

ଭୁବନେଶ୍ୱର, ୬।୩ (ସମିସ): ମହିଳାମାନଙ୍କର ଅନନ୍ତ ସୌନ୍ଦର୍ଯ୍ୟ, ଶକ୍ତି ଏବଂ ଗାରିମାକୁ ସମ୍ମାନ ଜଣାଇ ଖିମଜୀ ଜୁଏଲର୍ସ ପକ୍ଷରୁ ମହିଳାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ତିନି ଦିନିଆ ଅଭିଯାନ ଘୋଷଣା କରାଯାଇଛି, ଯେଉଁଥିରେ ଏହାର ଚମତ୍କାର ପ୍ରାକୃତିକ ହୀରା ସଂଗ୍ରହ ଉପରେ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଉଛି। ଅନ୍ତର୍ଜାତୀୟ ମହିଳା ଦିବସର ଭାବଧାରା ସହିତ ସମାନତା ରଖି ଏହି ଅଭିଯାନ ମାର୍ଚ୍ଚ ୬ରୁ ୮ ପର୍ଯ୍ୟନ୍ତ ସମସ୍ତ ଖିମଜୀ ଜୁଏଲର୍ସ ଷ୍ଟୋରରେ ଉପଲବ୍ଧ ହେବ। ଏହି ଉତ୍ସବର ଅଂଶବିଶେଷ ସ୍ୱରୂପ, ଖିମଜୀ ଜୁଏଲର୍ସ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୀରା ଅଳଙ୍କାରର ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୧୦୦% ରିଆତି ପ୍ରଦାନ କରୁଛି। ନିଜର ଶୋଭନୀୟ ପ୍ରାକୃତିକ ହୀରା କୃତି ମାଧ୍ୟମରେ ମହିଳାମାନଙ୍କର ସ୍ୱତନ୍ତ୍ରତା ଏବଂ ପ୍ରତିଭାକୁ ସମ୍ମାନିତ କରିବା ପାଇଁ ବ୍ରାଣ୍ଡର ଏକ ପ୍ରୟାସକୁ ଏହି ସୀମିତ ଅବଧିର ଅଫର ପ୍ରତିଫଳିତ କରୁଛି।

ପ୍ରତ୍ୟେକ ମହିଳା ଏକ ପ୍ରାକୃତିକ ହୀରା ପରି ଅନନ୍ୟ, ସହନଶୀଳ ଏବଂ ମୂଲ୍ୟବାନ। ଆକର୍ଷଣୀୟ ହୀରା ନେକଲେସ୍ ଏବଂ ଆଧୁନିକ ମୁଦିଠାରୁ ଆରମ୍ଭ କରି ସୂକ୍ଷ୍ମ ପେଣ୍ଡାଣ୍ଟ ଏବଂ ଦୈନନ୍ଦିନ ବ୍ୟବହାର୍ଯ୍ୟ ବିଳାସପୂର୍ଣ୍ଣ ଗହଣା ପର୍ଯ୍ୟନ୍ତ ଏହି ସଂଗ୍ରହକୁ ସୂକ୍ଷ୍ମ ଅଳଙ୍କାରର ଚିରନ୍ତନ ଆକର୍ଷଣକୁ ବଜାୟ ରଖିବା ସହିତ ଆଧୁନିକ ଜୀବନଶୈଳୀକୁ ସୁହାଇବା ଭଳି ପ୍ରସ୍ତୁତ କରାଯାଇଛି।

ଏହି ସ୍ୱତନ୍ତ୍ର ଅଫର ବ୍ୟତୀତ, ଖିମଜୀ ଜୁଏଲର୍ସ ଷ୍ଟୋରଗୁଡିକରେ ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକ୍ରମ, ସେଲିବ୍ରେସନ ଏବଂ ଗ୍ରାହକମାନଙ୍କ ସହ ଭାବ ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ ଯାହା ଏକ ଉତ୍ସବମୁଖର ସଫିଂ ଅନୁଭୂତି ସୃଷ୍ଟି କରିବ। ଷ୍ଟୋର ପରିଦର୍ଶନ କରୁଥିବା ମହିଳାମାନେ ମଧ୍ୟ ମଜାଦାର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ ଏବଂ ୱମ୍ୟାନ ଅଫ୍ ଦି ଡେ (ଭାବେ ସ୍ୱୀକୃତି ପାଇବାର ସୁଯୋଗ ପାଇବେ। ଏ ସମ୍ପର୍କରେ ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି ଯେ, ଖିମଜୀ ଜୁଏଲର୍ସରେ ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ମହିଳା ଏକ ପ୍ରାକୃତିକ ହୀରା ପରି ବିରଳ ଏବଂ ଦୀପ୍ତିମାନ। ଏହି ସ୍ୱତନ୍ତ୍ର ଉତ୍ସବ ମାଧ୍ୟମରେ ଆମେ ମହିଳାମାନଙ୍କର ଶକ୍ତି, ଗାରିମା ଏବଂ ସଫଳତାକୁ ସମ୍ମାନ ଜଣାଇବାକୁ ଚାହୁଁଥିବାବେଳେ ସେମାନଙ୍କୁ ଏପରି ଅଳଙ୍କାର ପ୍ରଦାନ କରୁଛୁ ଯାହା ସେମାନଙ୍କ ପ୍ରତିଭାକୁ ପ୍ରତିଫଳିତ କରିବ। ଆମର ହୀରା ସଂଗ୍ରହ ଜୀବନର ମୂଲ୍ୟବାନ ମୁହୂର୍ତ୍ତ ଓ ସେହି ଅସାଧାରଣ ମହିଳାମାନଙ୍କ ସଫଳତାକୁ ପାଳନ କରିବା ପାଇଁ ପ୍ରସ୍ତୁତ କରାଯାଇଛି ଯେଉଁମାନେ ଏହାକୁ ଅର୍ଥପୂର୍ଣ୍ଣ କରିଛନ୍ତି। ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ଅନୁଗୋଳ, ଯାଜପୁର ରୋଡ୍ ଓ ଅନ୍ୟାନ୍ୟ ସହରର ଗ୍ରାହକମାନଙ୍କୁ ଏହି ୩ ଦିନିଆ ଉତ୍ସବ ସମୟରେ ଖିମଜୀ ଜୁଏଲର୍ସ ଷ୍ଟୋର ପରିଦର୍ଶନ କରିବାକୁ ଗ୍ରାହକଙ୍କୁ ଆମନ୍ତ୍ରଣ କରାଯାଇଛି।




## ଦୁବାଇରେ ରିଆତି ମୂଲ୍ୟରେ ବିକ୍ରି ହେଉଛି ସୁନା

ନୂଆଦିଲ୍ଲୀ, ୬।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଦୁବାଇରେ ସୁନା ପ୍ରବଳ ରିଆତି ମୂଲ୍ୟରେ ବିକ୍ରି ହେଉଛି। ଦୁବାଇରେ ବିମାନ ଚଳାଚଳ ବନ୍ଦ କରିଛି, ଯାହା ଏହାର ମୁଖ୍ୟ ବାଣିଜ୍ୟ କେନ୍ଦ୍ରରୁ ସୁନା ଏବଂ ରୁପା ପରିବହନ କରିବାରେ ଯୋଗାଣକାରୀଙ୍କ ଆଗରେ ବଡ଼ ବାଧା ସୃଷ୍ଟି କରିଛି। ଅନେକ କ୍ରେତା ନୂତନ ଅର୍ଡରକୁ ଅଟକାଇ ରଖିଛନ୍ତି, କାରଣ ସେମାନେ ଅଧିକ ପରିବହନ ଏବଂ ବୀମା ଖର୍ଚ୍ଚ ଦେବାକୁ ଇଚ୍ଛୁକ ନୁହଁନ୍ତି। ଆହୁରିମଧ୍ୟ ଶୀଘ୍ର ଡେଲିଭରୀର କୌଣସି ଗ୍ୟାରେଣ୍ଟି ନାହିଁ। ଫଳସ୍ୱରୂପ, ସଂରକ୍ଷଣ ଏବଂ ପାଣ୍ଠି ପାଇଁ ଅନିଚ୍ଛାକୃତ ଭାବରେ ଦେୟ ଦେବା ପରିବର୍ତ୍ତେ, ବ୍ୟବସାୟୀମାନେ ଲଣ୍ଡନରେ ବିଶ୍ୱ ବେଞ୍ଚମାର୍କକୁ ପ୍ରତି ଆଉନ୍ସ ୩୦ ଡଲାର ପର୍ଯ୍ୟନ୍ତ ରିଆତି ପ୍ରଦାନ କରୁଛନ୍ତି। ଶୁକ୍ରବାର ଅନେକ କନ୍‌ସାଇନ୍‌ମେଣ୍ଟ ଅଟକି ରହିଛି। ତଥାପି, ସପ୍ତାହର ମଧ୍ୟଭାଗରୁ ଦୁବାଇ ଛାଡିବାକୁ ଯାଉଥିବା ବିମାନଗୁଡ଼ିକରେ କିଛି ସୁନା ଏବଂ ରୁପା ଲୋଡ୍ କରାଯାଇଥିଲା।

ଏଠାରେ ସୂଚନାଯୋଗ୍ୟ ଯେ, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ବିଶେଷକରି ଦୁବାଇ ସମଗ୍ର ଏସିଆରେ କ୍ରେତାଙ୍କ ପାଇଁ ସୁନା ବିଶୋଧନ ଏବଂ ରପ୍ତାନି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର। ଏହା ସ୍ୱିଜରଲ୍ୟାଣ୍ଡ, ୟୁକେ ଏବଂ ଅନେକ ଆଫ୍ରିକୀୟ ଦେଶରୁ ରପ୍ତାନି ପାଇଁ ମଧ୍ୟ ଏକ ମାର୍ଗ। ଇରାନ୍ ସହିତ ଆମେରିକା-ଇସ୍ରାଏଲ ଯୁଦ୍ଧ ୭ମ ଦିନରେ ପହଞ୍ଚିଛି। କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ଇରାନର ଆକାଶପଥ ବନ୍ଦ ହୋଇଯାଇଛି। ଏ ଯାଏ ଯୁଦ୍ଧ ବନ୍ଦ ନେଇ ସମାଧାନର କୌଣସି ସଙ୍କେତ ନାହିଁ। ସାଧାରଣତଃ ଯାତ୍ରୀବାହୀ ବିମାନର କାର୍ଗୋ ହୋଲ୍ଡରେ ସୁନା ପରିବହନ କରାଯାଇଥାଏ। ବର୍ତ୍ତମାନ ୟୁଏଇରୁ ଉଡ଼ାଣ ପ୍ରତିବନ୍ଧିତ ଥିବାବେଳେ ବ୍ୟବସାୟୀ ଏବଂ ଲଜିଷ୍ଟିକ୍ସ ଫାର୍ମଗୁଡ଼ିକ ସାଉଦି ଆରବ ଏବଂ ଓମାନ ଭଳି ଦେଶର ବିମାନବନ୍ଦରକୁ ସ୍ଥଳପଥରେ ଉଚ୍ଚ-ମୂଲ୍ୟର କାର୍ଗୋ ପରିବହନ କରିବାକୁ ସଂକୋଚ କରୁଛନ୍ତି।

## ଡ୍ରାଏଫ୍ରୁଟ୍ ମହଙ୍ଗା

**ବିପଦରେ ୪୦ ହଜାର କୋଟିର କାରବାର**

ନୂଆଦିଲ୍ଲୀ, ୬।୩ (ଏଜେନ୍ସି): ଆମେରିକା ଓ ଇରାନ୍ ମଧ୍ୟରେ ଯୁଦ୍ଧ ସଙ୍କଟ ଘନେଇବା ସହିତ ଡ୍ରାଏଫ୍ରୁଟ୍ ବ୍ୟାପାର ଉପରେ ଏହାର ଗମ୍ଭୀର ପ୍ରଭାବ ପଡ଼ିଛି। ବ୍ୟବସାୟୀମାନେ କହିଛନ୍ତି ଯେ ଏହି ସଙ୍କଟ ଯୋଗୁ ଡ୍ରାଏ ଫ୍ରୁଟ୍ ମୂଲ୍ୟ ବୃଦ୍ଧି ପାଇଛି। ଭାରତ ବାଦାମ ଆମଦାନୀ ଉପରେ ବହୁତ ନିର୍ଭର କରେ, ଏବଂ ଏଗୁଡ଼ିକ କେବଳ ଇରାନରୁ ନୁହେଁ ବରଂ ଆଫଗାନିସ୍ତାନ, ସାଉଦି ଆରବ, ୟୁଏଇ ଏବଂ ଇରାକ ଭଳି ସଙ୍କଟଗ୍ରସ୍ତ ଦେଶରୁ ମଧ୍ୟ ଆସିଥାଏ। ଯୁଦ୍ଧ ସଙ୍କଟ ବାଦାମର ଆମଦାନୀକୁ ପ୍ରଭାବିତ କଲାଣି। ବର୍ତ୍ତମାନ ଯୁଦ୍ଧ କାରଣରୁ ବାଦାମର ଅର୍ଡର ବନ୍ଦ ରହିଛି।

ବିଶ୍ୱସ୍ତରୀୟ ଉତ୍ତେଜନା ଭାରତର ଡ୍ରାଏଫ୍ରୁଟ୍ କାରବାରକୁ ସଙ୍କଟରେ ପକାଇଛି। ନଟ୍ ଆଣ୍ଡ ଡ୍ରାଏ ଫ୍ରୁଟ୍ କାଉନସିଲ୍ (ଏନ୍‌ଡିଏଫ୍‌ସି) ଇଣ୍ଡିଆର ପ୍ରତିଷ୍ଠାତା ସଦସ୍ୟ ରବି ମେହେଟ୍ଟା କହିଛନ୍ତି ଯେ ଇରାନ ସଙ୍କଟର ପ୍ରଥମ ପର୍ଯ୍ୟାୟରେ ଡ୍ରାଏ ଫ୍ରୁଟ୍ ବ୍ୟବସାୟ ପ୍ରଭାବିତ ହୋଇଥିଲା। କିନ୍ତୁ ଏଥର ସଙ୍କଟ ଆହୁରି ଖରାପ ହୋଇଯାଇଛି। କାରଣ ପୂର୍ବରୁ କେବଳ ଇରାନରୁ ଡ୍ରାଏ ଫ୍ରୁଟ୍ ଆମଦାନି କରିବାରେ ସମସ୍ୟା ଥିଲା। କିନ୍ତୁ ଏଥର ଆଫଗାନିସ୍ତାନ, ସାଉଦି ଆରବ, ଇରାକ ଏବଂ ୟୁଏଇରୁ ଡ୍ରାଏ ଫ୍ରୁଟ୍ ଆମଦାନି ମଧ୍ୟ ପ୍ରଭାବିତ ହୋଇପାରେ। କାରଣ ଏହି ଦେଶଗୁଡ଼ିକ ମଧ୍ୟ ଯୁଦ୍ଧର ଶିକାର ହେଉଛନ୍ତି। ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଯୋଗୁ ଡ୍ରାଏ ଫ୍ରୁଟ୍ ଅର୍ଡର ବନ୍ଦ ହୋଇଯାଇଛି ଏବଂ ବ୍ୟବସାୟୀମାନେ ନୂଆ ଅର୍ଡର ଦେବା କିମ୍ବା ଗ୍ରହଣ କରିବାକୁ କୁଣ୍ଠାବୋଧ କରୁଛନ୍ତି। ମେହେଟ୍ଟାଙ୍କ ଅନୁସାରେ ଦେଶରେ ଡ୍ରାଏ ଫ୍ରୁଟ୍ ବାର୍ଷିକ ବ୍ୟବସାୟ ୬୦ ରୁ ୬୫ ହଜାର କୋଟି ଟଙ୍କା। ଏଥିରେ ଆମଦାନିର ଅଂଶ ୪୦ ହଜାର କୋଟି ଟଙ୍କାରୁ ଅଧିକ। ପିସ୍ତା, ଖଜୁର, ଡିମ୍ବ, କେସର, କିସମିସ୍, ମାମରା ଆଲମଣ୍ଡ, ଶୁଖିଲା ଖଜୁର ଭଳି ଶୁଖିଲା ଫଳ ପାଇଁ ଭାରତ ସମ୍ପୂର୍ଣ୍ଣ ଭାବରେ ଇରାନ, ଇରାକ, ଆଫଗାନିସ୍ତାନ ଏବଂ ୟୁଏଇ ଉପରେ ନିର୍ଭରଶୀଳ। ବାକି ବାଦାମ ପାଇଁ ଏହା ଆମେରିକା ଉପରେ ନିର୍ଭରଶୀଳ। ଆମେରିକା ଏବଂ ଇସ୍ରାଏଲର ଇରାନ ଉପରେ ଆକ୍ରମଣ ପରେ, ଭାରତରେ ବାଦାମର ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ଗତ ୪-୫ ଦିନ ମଧ୍ୟରେ ବାଦାମର ମୂଲ୍ୟ ବୃଦ୍ଧି ପାଇଛି। ଇରାନୀ ପିସ୍ତା କିଲୋ ପିଛା ୨୦୦ ଟଙ୍କା ବୃଦ୍ଧି ହୋଇ ୨୧୦୦ ଟଙ୍କାକୁ ବୃଦ୍ଧି ଘଟିଥିବା ବେଳେ ଉତ୍ତମ ମାନର ଖଜୁର ମୂଲ୍ୟ ୧୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଫଳରେ ଏହା ପ୍ରତି କିଲୋଗ୍ରାମ ୧,୫୦୦ ଟଙ୍କା ହୋଇଯାଇଛି। ସେହିଭଳି ଅଞ୍ଜୀର ମୂଲ୍ୟ ମଧ୍ୟ କିଲୋଗ୍ରାମ ପିଛା ୮୦ ରୁ ୧୦୦ ଟଙ୍କା ବୃଦ୍ଧି ପାଇଛି। ଅଞ୍ଜୀର କେଜି ପ୍ରତି ୧୦୦୦ ରୁ ୨୦୦୦ ଟଙ୍କାରେ ବିକ୍ରି ହେଉଛି। ଆମଦାନୀ ହୋଇଥିବା କେସର ଗ୍ରାମ ପ୍ରତି ୨୦୦ ରୁ ୨୫୦ ଟଙ୍କାରେ ବିକ୍ରି ହେଉଛି। ଇରାନ ସଙ୍କଟ ପୂର୍ବରୁ ୩,୫୦୦ ରୁ ୪୦୦୦ ଟଙ୍କାରେ ବିକ୍ରି ହେଉଥିବା ମାମରା ଆଲମଣ୍ଡ ଏବେ କିଲୋଗ୍ରାମ ପ୍ରତି ୪୦୦୦ରୁ ରୁ ୪୫୦୦ ଟଙ୍କାରେ ବିକ୍ରି ହେଉଛି।

**୨୩,୭୮୦ କୋଟିର ପିଏନ୍‌ବି ଠକେଇ ମାମଲା**

## ପଳାତକ ଘୋଷିତ ହେବେ ନୀରବ ମୋଦିଙ୍କ ଦୁଇ ଭାଇ

ନୂଆଦିଲ୍ଲୀ, ୬।୩ (ଏଜେନ୍ସି): ୨୩,୭୮୦ କୋଟି ଟଙ୍କାର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ଠକେଇର ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କ ପରିବାର ପାଇଁ ସମସ୍ୟା ଆହୁରି ବଢ଼ିବାକୁ ଯାଉଛି। ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ନୀରବ ମୋଦିଙ୍କ ଦୁଇ ଭାଇ ନିହାଲ ଏବଂ ନିହାଲ ମୋଦିଙ୍କ ନିକଟକୁ ନୋଟିସ ଜାରି କରି ପଚାରିଛି ଯେ ସେମାନଙ୍କୁ କାହିଁକି ପଳାତକ ଅର୍ଥନୈତିକ ଅପରାଧୀ (ଏଫଇଓ) ଘୋଷଣା କରାଯିବନାହିଁ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦୁଇ ଭାଇଙ୍କୁ ପଳାତକ ଘୋଷଣା କରିବାକୁ କୋର୍ଟରେ ଏକ ଆବେଦନ ଦାଖଲ କରିଥିଲା। ସ୍ୱତନ୍ତ୍ର ବିଚାରପତି ଏଭି ଗୁଜରାଟୀ ବୁଧବାର ଏହି ନୋଟିସ ଜାରି କରିଛନ୍ତି। କୋର୍ଟ କେବଳ ଭାଇମାନଙ୍କୁ ନୁହେଁ ବରଂ ନୀରବ ମୋଦିଙ୍କ କମ୍ପାନୀର ବରିଷ୍ଠ ଅଧିକାରୀ ଆଦିତ୍ୟ ନାନାବତୀ ଏବଂ ସନ୍ଦୀପ ମିସ୍ତ୍ରୀଙ୍କୁ ମଧ୍ୟ ସମାନ ନୋଟିସ ପଠାଇଛନ୍ତି। ସମସ୍ତଙ୍କୁ ମେ' ୭ ସୁଦ୍ଧା ସେମାନଙ୍କର ଜବାବ ଦାଖଲ କରିବାକୁ ପଡିବ। ଏହା ଭାରତର ବ୍ୟାଙ୍କିଙ୍ଗ ଇତିହାସର ସବୁଠାରୁ ବଡ଼ ଠକେଇ ମଧ୍ୟରୁ ଗୋଟିଏ।



ନିହାଲ ଓ ନିଶାଲଙ୍କୁ କୋର୍ଟ ନୋଟିସ୍

ନୀରବ ମୋଦି ବର୍ତ୍ତମାନ ଲଣ୍ଡନର ଏକ ଜେଲରେ ବନ୍ଦୀ ଥିବାବେଳେ ମେହୁଲ ଚୋକସି ବେଲଜିୟମ୍‌ରେ ପ୍ରତ୍ୟର୍ପଣ ପ୍ରକ୍ରିୟାର ସମ୍ମୁଖୀନ ହେଉଛନ୍ତି। ଇଡି ଚାର୍ଜସିଟ୍ ଅନୁଯାୟୀ, ନୀରବ ମୋଦିଙ୍କ ଦୁଇ ଭାଇ ଠକେଇର କଳା ଟଙ୍କାକୁ ଧଳା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଇଡି ଦାବି କରିଛି ଯେ ନିହାଲ ନୀରବ ମୋଦିଙ୍କୁ ସେଲ୍ କମ୍ପାନୀ ଏବଂ ବିଦେଶୀ କାରବାର ମାଧ୍ୟମରେ କୋଟି କୋଟି ଟଙ୍କା ଲୁଚାଇବା ଏବଂ ସ୍ଥାନାନ୍ତର କରିବାରେ ସାହାଯ୍ୟ କରିଥିଲେ। ନିହାଲଙ୍କୁ ୨୦୨୫ରେ ଆମେରିକାରେ ଗିରଫ କରାଯାଇଥିଲା ଏବଂ ବର୍ତ୍ତମାନ ସେଠାରେ ପ୍ରତ୍ୟର୍ପଣ ପ୍ରକ୍ରିୟାର ସମ୍ମୁଖୀନ ହେଉଛି। ତଦନ୍ତକାରୀ ସଂସ୍ଥା ଅନୁଯାୟୀ, ନୀହାଲ ଦୁବାଇସ୍ଥିତ ସେଲ୍ କମ୍ପାନୀଗୁଡ଼ିକରେ ଡମି ପାର୍ଟନରଙ୍କ ନିଯୁକ୍ତିରେ ସାମିଲ ଥିଲେ। ୨୦୧୧ରୁ ୨୦୧୩ ମଧ୍ୟରେ , ସେ ଅନେକ ସେଲ୍ କମ୍ପାନୀରେ ସ୍ୱାକ୍ଷରକାରୀ କିମ୍ବା ଲାଭାର୍ଥୀ ଭାବରେ କାର୍ଯ୍ୟ କରିଥିଲେ। ନିରବ ମୋଦିଙ୍କ ନିକଟତମ ସହଯୋଗୀମାନଙ୍କୁ କୋର୍ଟ ୭ ମଇ ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ଯଦି ସେମାନେ ସନ୍ତୋଷଜନକ ଉତ୍ତର ନ ଦିଅନ୍ତି କିମ୍ବା କୋର୍ଟରେ ହାଜର ନ ହୁଅନ୍ତି, ତେବେ ସେମାନଙ୍କୁ ପଳାତକ ଘୋଷଣା କରାଯିବ। ଏହା ଭାରତ ସରକାରଙ୍କୁ ସେମାନଙ୍କର ବିଶ୍ୱସ୍ତରୀୟ ସମ୍ପତ୍ତିକୁ ସମ୍ପୂର୍ଣ୍ଣ ଜବତ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଅନୁମତି ଦେବ। ଥରେ କୋର୍ଟ ଜଣେ ବ୍ୟକ୍ତିଙ୍କୁ 'ପଳାତକ ଅର୍ଥନୈତିକ ଅପରାଧୀ' ଘୋଷଣା କଲେ, ତଦନ୍ତକାରୀ ସଂସ୍ଥାଗୁଡ଼ିକ ଦେଶ ଏବଂ ବିଦେଶରେ ଥିବା ସେମାନଙ୍କର ସମ୍ପତ୍ତି ଜବତ କିମ୍ବା ଜବତ କରିବାର ଆଇନଗତ ଅଧିକାର ପାଇଯାନ୍ତି।

## ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ରେ 'ଆର୍ଟିଷ୍ଟ୍ରୀ ଶୋ'




ଭୁବନେଶ୍ୱର, ୬।୩ (ସମିସ): ଦେଶର ଅନ୍ୟତମ ସର୍ବବୃହତ ସୁନା ଏବଂ ହୀରାର ଖୁଚୁରା ଶୃଙ୍ଖଳା ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଏହାର ଭୁବନେଶ୍ୱରସ୍ଥିତ ସୌଭାଗ୍ୟନଗର ଶୋ'ରୁମ୍‌ରେ ଆଜିଠାରୁ 'ଆର୍ଟିଷ୍ଟ୍ରୀ ଶୋ' ଆରମ୍ଭ ହୋଇଛି। ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ ପାରମ୍ପରିକ ଏବଂ ସମସାମୟିକ ଡିଜାଇନର ଏକ ବିସ୍ତୃତ ପରିସର ସହିତ ହସ୍ତଶିଳ୍ପ ଅଳଙ୍କାରର କଳାତ୍ମକ ସୂକ୍ଷ୍ମତା ପ୍ରଦର୍ଶନ କରାଯାଉଛି। ଏହି 'ଆର୍ଟିଷ୍ଟ୍ରୀ ଶୋ'କୁ ପ୍ରମୁଖ ମେକଅପ୍ କଳାକାର, ସୌନ୍ଦର୍ଯ୍ୟ ଏବଂ ଆତିଥେୟତା ବ୍ୟବସାୟରୁ ଉଦ୍ୟୋଗୀ ଲୋପାମୁଦ୍ରା ପ୍ରଧାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ସମସ୍ତ ପରିଚାଳନା ଟିମ୍‌ର ଉପସ୍ଥିତିରେ ଆରମ୍ଭ କରାଯାଇଥିଲା। ଆର୍ଟିଷ୍ଟ୍ରି ଶୋ'ରେ ପ୍ରଦର୍ଶିତ ପ୍ରତ୍ୟେକ ଅଳଙ୍କାର ଅନନ୍ୟ ଏବଂ ଭାରତୀୟ ଡିଜାଇନର କଳା ଏବଂ ଦକ୍ଷ ହସ୍ତଶିଳ୍ପର ପ୍ରମାଣ। ଏହି ସଂଗ୍ରହରେ ପ୍ରାୟ ସମ୍ପୂର୍ଣ୍ଣତା ସହିତ ପ୍ରସ୍ତୁତ ଡିଜାଇନ୍ ଏବଂ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ସ୍ୱତନ୍ତ୍ର ବ୍ରାଣ୍ଡର ବିଭିନ୍ନ ପ୍ରକାରର ଜିନିଷ, ଯେପରିକି ମାଇନ୍ ଡାଇମଣ୍ଡ ଅଳଙ୍କାର, ଏରା ଅନକଟ୍ ହୀରା, ପ୍ରେସିଆ ରତ୍ନପଥର, ଏଥନିକ୍ସ ହସ୍ତଶିଳ୍ପ ଅଳଙ୍କାର, ଭିରାଜ ରୟାଲ୍ ପୋଲକି ଅଳଙ୍କାର ଏବଂ ଅନ୍ୟାନ୍ୟ ସାମଗ୍ରୀ ରହିଛି। ଏହି ଅବସରରେ, ମାଲାବାର 'ଦ ବିଗ୍ ବ୍ରିଲିଆଣ୍ଟ ସେଲ୍' ଆରମ୍ଭ କରିଛି, ଯେଉଁଥିରେ ଗ୍ରାହକମାନେ ସୁନା, ଅନକଟ୍ ଏବଂ ରତ୍ନପଥର ନିର୍ମାଣ ଚାର୍ଜରେ ୪୦% ପର୍ଯ୍ୟନ୍ତ ରିଆତି ପାଇବେ ଏବଂ ଅଳଙ୍କାର ଏବଂ ହୀରା ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିଆତି ପାଇବେ।

## ଆର୍ଥିକ ସେବାକୁ ଅଧିକ ସୁଲଭ କରୁଛି ଜିଓଫାଇନାନ୍ସ



ନୂଆଦିଲ୍ଲୀ, ୬।୩ (ଏଜେନ୍ସି): ଆର୍ଥିକ ସେବାଗୁଡ଼ିକୁ ଅଧିକ ସୁଲଭ, ବ୍ୟକ୍ତିଗତ ଏବଂ ତାହାର ବ୍ୟବହାର ସହଜ କରି ଜିଓଫାଇନାନ୍ସ ଭାରତରେ ଆର୍ଥିକ କ୍ଷେତ୍ରକୁ ପୁନଃପରିଭାଷିତ କରୁଛି। ବ୍ୟାଙ୍କିଙ୍ଗ, ପେମେଣ୍ଟ, ସଞ୍ଚୟ, ନିବେଶ ଏବଂ ବ୍ୟକ୍ତିଗତ ଅନ୍ତର୍ଦୃଷ୍ଟି ସହିତ ବ୍ୟବହାରକାରୀମାନେ ସେମାନଙ୍କର ଆର୍ଥିକ ପରିଚାଳନାକୁ ଦକ୍ଷତାର ସହିତ କରିପାରିବେ ଏବଂ ସ୍ମାର୍ଟ ନିଷ୍ପତ୍ତି ନେଇପାରିବେ। ରାଇଜିଂ ଭାରତ ସମ୍ମିଟ୍ ୨୦୨୬ରେ ଜିଓପଣ୍ଟସକୁ ସମ୍ପୂର୍ଣ୍ଣ ନୂତନ ଜିଓଫାଇନାନ୍ସ ଆପ୍ ମାଧ୍ୟମରେ ଲଞ୍ଚ କରାଯାଇଥିଲା, ଏହା ଏକ ରିୱାର୍ଡ ଇକୋସିଷ୍ଟମ ଯେଉଁଠାରେ ବ୍ୟବହାରକାରୀମାନେ ଆପ୍ ଉପରେ ପାରସ୍ପରିକ କ୍ରିୟା ମାଧ୍ୟମରେ ପଏଣ୍ଟ ଅର୍ଜନ କରିପାରିବେ। ସପିଂ, ଡାଇନିଂ ଏବଂ ଯାତ୍ରା ଭଳି ଅଭିଜ୍ଞତାରେ ସେମାନଙ୍କୁ ରିଡିମ୍ କରିପାରିବେ। ପ୍ରତ୍ୟେକ ପର୍ଯ୍ୟାୟରେ ଜିଓପଏଣ୍ଟସ ଅଭିଜ୍ଞତା, ଜଡ଼ିତ ଏବଂ ଅର୍ଜନ କରନ୍ତୁ।

